# ପଥୋତ୍ସବରେ 'ଭୋଟ ଦେବା ଗଣତନ୍ତ୍ରକୁ ସୁଦୃଢ଼ କରିବା'କୁ ସଚେତନତା



**ଅନୁଗୋଳ, ୨୫ା୧୧(ସମିସ)**

ଭୋଟର ତାଲିକା ସଂଶୋଧନ-୨୦୨୩ ପରିପେକ୍ଷୀରେ ପଥୋତ୍ସବ 'ଭୋଟ ଦେବା ଗଣତନ୍ତ୍ର କୁ ସୁଦୃଢ କରିବା' ଅନୁଷ୍ଠିତ ହୋଇଯାଇଛି । ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ଠାରେ ମହିଳା ସମିତି ସଦସ୍ୟା, ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ଠାରେ ଆୟୋଜିତ ହୋଇଥିବା ଏହି ରାହାଗିରି କାର୍ଯ୍ୟକ୍ରମରେ ଆଡ଼ିଶନାଲ ସିଓ ଶ୍ରୀ ରାଏ, ଉପଜିଲ୍ଲାପାଳ ବର୍ନେନ୍ଦୁ ମହାନ୍ତି, ଆସିଷ୍ଟାଣ୍ଟ କଲେକ୍ଟର ନିର୍ବାଚନ ସୁକାନ୍ତ କୁମାର ସାହୁ, ତହସିଲଦାର, ବିଡ଼ିଓ ପ୍ରମୁଖ ଯୋଗଦେଇଥିବା ବେଳେ ସମସ୍ତ ବିଭାଗୀୟ ଅଧିକାରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।






**କିଶୋରନଗର:** କିଶୋରନଗରରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସୁଦୃଢ଼ କରିବା ପାଇଁ ସଚେତନତା ଶୋଭାଯାତ୍ରା ଓ ପଥୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବ୍ଲକଠାରୁ ଆରମ୍ଭ କରି କଲେଜ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରା ବାହାରିଥିଲା । ସମସ୍ତେ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା, ଭୋଟର ରୂପେ ନାମ ପଞ୍ଜିକୃତ କରିବା, ନିକଟସ୍ଥ ଭୋଟ ଗ୍ରହଣ କେନ୍ଦ୍ରରେ ନାମ ପଞ୍ଜିକୃତ ହୋଇଛି ନା ନାହିଁ ଦେଖିବା, କୌଣସି ଭୋଟରକୁ ଭୋଟଦାନ ପ୍ରକ୍ରିୟାରୁ ବଞ୍ଚିତ ନ କରିବା ଇତ୍ୟାଦି ଉପରେ



ସଚେତନତା କରାଯାଇଥିଲା । ରାଲିକୁ ଉପଜିଲ୍ଲାପାଳ ଡକ୍ଟର ଜିତେନ୍ଦ୍ର କୁମାର ପାତ୍ର ପତାକା ଦେଖାଇ ଉଦଘାଟନ କରିଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ ବିହାରୀ ବେହେରା, ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ସିଡିପିଓ, ୱାହିଦା ବେଗମ, ସହକାରୀ ଜିଲ୍ଲାପାଳ, ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅକ୍ଷୟ କୁମାର ଦାଶ ଯୋଗଦେଇଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସ୍ନାତକ ମହାବିଦ୍ୟାଳୟ, ମିଶନ ଶକ୍ତିର ସଦସ୍ୟାମାନେ ଯୋଗଦେଇଥିଲେ । ବାଗଦେବୀ ପାଲା ସଂଗଠନ ଦ୍ୱାରା ପାଲା ପରିବେଷଣ କରି ଭୋଟର ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା ।

**ତାଳଚେର ସଦର:** ତାଳଚେର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଶନିବାର ହାଟତୋଟା ଠାରେ ଭୋଟର ସଚେତନତାକୁ ନେଇ ପ୍ରଥପ୍ରାନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି



କାର୍ଯ୍ୟକ୍ରମକୁ ଡେପୁଟି କଲେକ୍ଟର ଅନିଲ ପାଣିଗ୍ରାହୀ ଉଦଘାଟନ କରିଥିବା ବେଳେ ଆସିଷ୍ଟାଣ୍ଟ କଲେକ୍ଟର ନିବେଦିତା ନାଏକ, ସିଭିଲି ଡିଫେନ୍ସ ଅଧିକାରୀ ଅର୍ଜିତ ବେହେରା, ଉପଜିଲ୍ଲାପାଳ କାର୍ଯ୍ୟାଳୟର ନଗେନ ଶଥପଥି, ସ୍ୱେଚ୍ଛାସେବୀ ଏବଂ ସିଭିଲି ଡିଫେନ୍ସ ସଦସ୍ୟ, କଲେଜ ଛାତ୍ରଛାତ୍ରୀ ଓ ଆଇଟିଆଇର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ନୂତନ ଭୋଟର ଓ ପୁରାତନ ଭୋଟର ସଂଶୋଧନ ପାଇଁ ଛାତ୍ରଛାତ୍ରୀଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ, ନାଚଗୀତ, ସ୍କେଟିଂ, ପାଇକ ଆଖଡ଼ା ଜରିଆରେ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

**ପାଲଲହଡ଼ା:** ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ୨୦୨୩ ପରିପେକ୍ଷୀରେ ପଥୋତ୍ସବ 'ଭୋଟ ଦେବା ଗଣତନ୍ତ୍ରକୁ ସୁଦୃଢ କରିବା' ଅନୁଷ୍ଠିତ ହୋଇଯାଇଛି । ଶନିବାର ସକାଳେ ୭ଟାରୁ ଦିନ ୧୦ଟା ଯାଏ ପାଲଲହଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରୁ ସତସଙ୍ଗ ଛକ ଯାଏ ମହିଳା ସମିତି ସଦସ୍ୟା, ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏହି ପଥୋତ୍ସବରେ ବିଭିନ୍ନ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମ ସାଙ୍ଗକୁ ନୃତ୍ୟ, ରେଙ୍ଗୋଲି, ଗୀତ ଓ ଝୋଟି ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିବା ବେଳେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଟ୍ରାଫିକ୍ ନିୟନ୍ତ୍ରଣ, ପାନୀୟ ଜଳଯୋଗାଣ ଓ ଆଶୁ ଚିକିତ୍ସା ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଥିଲା । ଭୋଟ ଦେବା ଗଣତନ୍ତ୍ରକୁ ସୁଦୃଢ କରିବା ସଚେତନତା ବାର୍ତ୍ତା ପଥୋତ୍ସବ ମାଧ୍ୟମରେ ପ୍ରଦର୍ଶିତ



କରାଯାଇଥିଲା । ଉପଖଣ୍ଡ ସଦରମହକୁମା ଠାରେ ଆୟୋଜିତ ହୋଇଥିବା ଏହି ରାହାଗିରି କାର୍ଯ୍ୟକ୍ରମରେ ପାଲଲହଡ଼ା ଉପଜିଲ୍ଲାପାଳ ସୁଶାନ୍ତ କୁମାର ପତି ଓ ବିଡିଓ ଦିଲ୍ଲୀପ କୁମାର ବାରା ଆଦିବାସୀଙ୍କ ପାରମ୍ପରିକ ବାଜା ବଜାଇ ଆଦିବାସୀ ନୃତ୍ୟରେ ସାମିଲ ହୋଇ ଆଦିବାସୀ କଳାକାରମାନଙ୍କୁ ଉତ୍ସାହିତ କରିଥିଲା । ସମସ୍ତ ବିଭାଗୀୟ ଅଧିକାରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଭାରପ୍ରାପ୍ତ ସୂଚନା ଅଧିକାରୀ ତରୁଣକାନ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଆଇନ ସଚେତନତା ଶିବିର

**ବଅଁରପାଳ, ୨୫ା୧୧(ସମିସ):** ଜେଏମ୍ଏଫସି କୋର୍ଟର ତାଲୁକ ଆଇନ ସେବା କମିଟି ଦ୍ୱାରା ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମହିଳା କର୍ମଚାରୀଙ୍କୁ କାର୍ଯ୍ୟ ସ୍ଥଳୀରେ ଯୌନ ଉତ୍ପୀଡ଼ନ ଓ ନିର୍ଯାତନାରୁ ନିଷେଧ ସୁରକ୍ଷା, ନିରାକରଣ ଓ ପ୍ରତିରୋଧ ଆଇନ-୨୦୧୩ରେ ଥିବା ସମସ୍ତ ଦଫା, ଧାରା ଓ ବିଧିବିଧାନ ସମ୍ପର୍କରେ ବିଚାରପତି ତଥା ତାଲୁକ ଆଇନ ସେବା କମିଟିର ଚେୟାରପର୍ସନ ସ୍ରିଷ୍ଟି ସାମନ୍ତ ଓ କମିଟିର ବରିଷ୍ଠ ସଦସ୍ୟ ତଥା ଆଇନଜୀବୀ ହେମନ୍ତ କୁମାର ସାହୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ମେଡିକାଲ ଅଫିସର ଶଙ୍କର୍ଷଣ ଗାଆଣ ଶିବିରର ଉଦ୍ୟେଶ ସମ୍ପର୍କରେ ବକ୍ତବ୍ୟ ଦେବା ସହ ଏପରି କାର୍ଯ୍ୟକ୍ରମ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବଡ଼ଓଷା ପାଇଁ ଶୈବପୀଠ ଚଳଚଞ୍ଚଳ

**ତାଳଚେର, ୨୫ ।୧୧(ସମିସ):** ଆଜି ପବିତ୍ର ବଡଓଷା । ପୂଣ୍ୟ ମାସ କାର୍ତ୍ତିକ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ବଡଓଷା ପାଳିତ ହୋଇଥାଏ । ଏନେଇ ଚଳଚଞ୍ଚଳ ତାଳଚେରର ବିଭିନ୍ନ ଶୈବପୀଠ । ସବୁ ଶିବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା । କେଉଁ ଆଦିମ କାଳରୁ ଦେବ ଦେବ ମହାଦେବଙ୍କ ଏହି ମହାନପର୍ବ ପାଳିତ ହୋଇଆସୁଛି । ମହାପଞ୍ଚକରେ ହବିଷ୍ୟାଳିଙ୍କ ବିଷ୍ଣୁ ପୂଜନ ଓ ବଡ଼ଓଷାରେ ମହାଦେବଙ୍କ ଉପାସନାରେ ବିଭୋର ଭକ୍ତ । ଉତ୍କଳୀୟ ପରମ୍ପରାରେ ବଡଓଷାର ସ୍ୱତନ୍ତ୍ର ମହତ୍ୱ ରହିଛି ।

## କାମରେ ଲାଗୁନି ବାୟୋ ଟଏଲେଟ୍

**ତାଳଚେର ସଦର, ୨୫ା୧୧(ସମିସ):** ଲୋକଙ୍କ ସୁବିଧା ପାଇଁ ସଦରଥାନା ସାମ୍ନା, ମାଇନିଙ୍ଗ ଅଫିସ୍ ସାମ୍ନା, ପଶୁଡାକ୍ତରଖାନା ସାମ୍ନା ଓ ବିଭିନ୍ନ ସ୍ଥାନରେ କୋଟି କୋଟି ଟଙ୍କା ବିନିଯୋଗ କରି ବାୟୋ

- ନିର୍ମାଣର ୬ବର୍ଷ ପରେ ବି ତାଲା ଝୁଲୁଛି



ଟଏଲେଟ୍ ନିର୍ମାଣ କରାଯାଇଛି । ହେଲେ ୫ରୁ ୬ ବର୍ଷ ତଳେ ନିର୍ମାଣ ହୋଇଥିବା ଏହି ବାୟୋ ଟଏଲେଟ୍ ଏଯାଏଁ ଲୋକଙ୍କ କାମରେ ଲାଗୁନି । ଉଦଘାଟନ ହୋଇନଥିବାରୁ ଏବେ ବି ଏଥିରେ ତାଲା ଝୁଲୁଛି । ତେଣୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଲୋକଙ୍କ ପାଇଁ ହୋଇଥିବା ଏହି ସୁବିଧାକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଲାଣି । ସେପଟେ କାର୍ଯ୍ୟକ୍ଷମ ହୋଇନଥିବା ବେଳେ ବର୍ତ୍ତମାନ କିଛି ସ୍ଥାନରେ ଏହାର କବାଟ ଭାଙ୍ଗି ଯାଇଥିବା ବେଳେ ଆଉ କେତେକ ସ୍ଥାନରେ ଜରାଜିର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ତେବେ ଏତେଶୟ ଟଙ୍କା ବିନିମୟରେ ଟିକସ୍ ଦାତାଙ୍କ ଏହି ଅର୍ଥ ଖର୍ଚ୍ଚ କାହା ସ୍ୱାର୍ଥରେ ବୋଲି ସହରବାସୀଙ୍କ ମଧ୍ୟରେ ଉଠିଛି ପ୍ରଶ୍ନ । ଏଥିପାଇଁ ଯେଉଁ ଅଧିକାରୀମାନେ ଦାୟୀ ସେମାନଙ୍କ ବିରୁଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସହରବାସୀ ଦାବି କରିଛନ୍ତି ।

## ଆଜିଠୁ କଳାକାରର ୩୮ ତମ ବୋଇତ ବନ୍ଦାଣ ମହୋତ୍ସବ

- ଯୋଗଦେବେ କୁନା ତ୍ରିପାଠୀ ଓ ଟି ସୌରୀ

**ଅନୁଗୋଳ, ୨୫।୧୧(ସମିସ):** ଅନୁଗୋଳର ସର୍ବପୁରାତନ ସେବା ଓ ସଂସ୍କୃତିକ ଅନୁଷ୍ଠାନ କଳାକାର ଦ୍ୱାରା ଓ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗିତାରେ ୩୮ତମ ବୋଇତ ବନ୍ଦାଣ ମହୋତ୍ସବ ଓ ରାଜ୍ୟସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଚଳିତ ମାସ ୨୬ ଓ ୨୭ରେ ଅନୁଗୋଳ ସଭାଘରଠାରେ ଆୟୋଜନ କରାଯିବ । ଚଳିତ ବର୍ଷ ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ ତଥା ଅଭିନେତା ସତ୍ୟବ୍ରତ(କୁନା) ତ୍ରିପାଠୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଯୋଗ ଦେବାକୁ ସ୍ୱୀକୃତି ଦେଇଛନ୍ତି । ବୋଇତ ବନ୍ଦାଣ ମହୋତ୍ସବ ପାଳନ ଅବସରର ପ୍ରଥମ ଦିନ ସକାଳେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରଙ୍ଗଭର, ଚିତ୍ରାଙ୍କନ, ଓଡ଼ିଶୀ ନୃତ୍ୟ, ଦଳଗତ ଲୋକ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯିବ । ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ମୁଖ୍ୟ ଅତିଥି, ଜିଲ୍ଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବେ । ସୋମବାର ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରର ପାରମ୍ପରିକ ବୃନ୍ଦଗାନ, ବୋଇତ ବନ୍ଦାଣ ନୃତ୍ୟ ନାଟିକା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଅନୁଗୋଳ ଜିଲ୍ଲା ତଥା ରାଜ୍ୟ ପାଇଁ ସଙ୍ଗୀତ କ୍ଷେତ୍ରରେ ଗୌରବ ଆଣିଥିବା କଣ୍ଠଶିଳ୍ପୀ ଟି ସୌରିଙ୍କୁ ଏ ଅଭସରରେ ସମ୍ବର୍ଦ୍ଧିତ କରାଯିବ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ । ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କଳାକାର ସଭାପତି ଭୂପେଶ ଚନ୍ଦ୍ର ପ୍ରଧାନ, ବିରେନ୍ଦ୍ର ପ୍ରଧାନ, ବୈରାଗୀ ଚରଣ ମଲ୍ଲିକ, କାମାକ୍ଷାପ୍ରସାଦ ଜେନା, ଦେବବ୍ରତ ପଟ୍ଟନାୟକ, ପ୍ରଶାନ୍ତ ରଥ, ଅନିତା ସିଂ ଦେଓ, ରୁଚିର କୁମାର ବରାଳ, ଅଜୟ ସାହୁ, ବିଦେଶୀ ନାଏକ, ପ୍ରଫୁଲ୍ଲ କୁମାର ଦାସଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ରହିଥିଲେ ।

## ଗୋପବନ୍ଧୁ ଜରାଶ୍ରମ ନିର୍ମାଣ ପାଇଁ ନୂତନ କାର୍ଯ୍ୟକାରିଣୀ କମିଟି



**ତାଳଚେର, ୨୫ ।୧୧(ସମିସ):** ତାଳଚେରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୋପବନ୍ଧୁ ମାନବ କଲ୍ୟାଣ ସମିତି ତା'ର ଦ୍ୱିତୀୟ ଶାଖା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ନତଡ଼ା ଗ୍ରାମ ପଞ୍ଚାୟତର ବଡଝରଣ ଗ୍ରାମଠାରେ 'ଗୋପବନ୍ଧୁ ଜରାଶ୍ରମ' ନିର୍ମାଣ କରିବା ପାଇଁ ଅନୁଷ୍ଠାନର କଳମଛୁଇଁ କାର୍ଯ୍ୟାଳୟ ଠାରେ ସଭାପତି ଗୌରଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ନୂତନ କାର୍ଯ୍ୟକାରିଣୀ କମିଟି ଚୟନ ପ୍ରକିୟା କରାଯାଇଥିଲା । ଏଥିରେ ସଭାପତି ଭାବେ ଦୁଃଖବନ୍ଧୁ ସାହୁ, ଉପସଭାପତି ଭାବେ ଗଗନ ବିହାରୀ ସାହୁ, ସମ୍ପାଦକ ଭାବେ ମଧୁସୁଦନ ସାହୁ, ଯୁଗ୍ମ ସମ୍ପାଦକ ଭାବେ ଭଜମନ ବେହେରା ଓ କୋଷାଧ୍ୟକ୍ଷ ଭାବେ ମାନସ ରଞ୍ଜନ ପ୍ରଧାନଙ୍କୁ ଚୟନ କରାଯାଇଛି । ଅନୁଷ୍ଠାନର କାର୍ଯ୍ୟଧାରାରେ ଉତ୍ସାହିତ ହୋଇ ଆଶ୍ରମର ନିର୍ମାଣ କରିବା ପାଇଁ ଭଗବାନ ସ୍ୱାଇଁ ୫୦ ହଜାର ଟଙ୍କାର ଚେକ୍ ସହାୟତା ପ୍ରଦାନ କରିଛନ୍ତି । ଏହିଭଳି ସୁନ୍ଦର ପରିବେଶରେ ଜରାଶ୍ରମ ନିର୍ମାଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିବାରୁ ଅନୁଷ୍ଠାନ ପକ୍ଷରୁ ଭୂୟସୀ ପ୍ରଶଂସା କରାଯାଇଛି ।

## ରାଜ୍ୟସ୍ତରୀୟ ବଲ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍

**କିଶୋରନଗର, ୨୫ା୧୧(ସମିସ):** କିଶୋରନଗର ବର ପଡ଼ିଆରେ ୨୯ତମ ୧୯ ବର୍ଷରୁ କମ୍ ଜୁନିୟର ରାଜ୍ୟସ୍ତରୀୟ ବଲ୍ ବ୍ୟାଡମିଣ୍ଟନ ଚାମ୍ପିଆନସିପ୍ ଆରମ୍ଭ ହୋଇଛି । ୩ଦିନ ଧରି ହେବାକୁ ଥିବା ଚାମ୍ପିଅନସିପରେ ଗଞ୍ଜାମ, ଭଦ୍ରକ, ଜଗତସିଂହପୁର, ଅନୁଗୋଳ, ପୁରୀ, କେନ୍ଦୁଝର, ରାୟଗଡ଼ା, କଟକ ଆଦି ୧୬ଟି ଟିମ୍ ଅଂଶଗ୍ରହଣ କରୁଛନ୍ତି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବଲ୍ ବ୍ୟାଡମିଣ୍ଟନର ସଭାପତି ସୁକାନ୍ତ ଦାସ, ଅନ୍ୟତମ ଅତିଥି ଭାବେ ଜିଲ୍ଲା ବଲ ବ୍ୟାଡମିଣ୍ଟନ ସଂଘର ସଭାପତି



ଦୀଲିପ କୁମାର ମହାରଣା, କିଶୋରନଗର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁ, ଆଠମଲ୍ଲିକ ବିଧାୟକଙ୍କ ପ୍ରତିନିଧି କାଳନ୍ଦୀ ଚରଣ ପ୍ରଧାନ, ସାମ୍ବାଦିକ ସଞ୍ଜୟ ଦାଶ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସରୋଜ ସେନାପତି । ଜିଲ୍ଲା ସଂଘର ସମ୍ପାଦକ ବନମାଳୀ ସାହୁ କାର୍ଯ୍ୟକ୍ରମକୁ ପରିଳନା କରିଥିଲେ । ଆସନ୍ତା ୨୭ରେ ଉଦଯାପନୀ ଉତ୍ସବରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା ଓ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ସାଗର ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଫାଇଟ୍ କ୍ଲବ ଚାମ୍ପିଅନ

**ରେଙ୍ଗାଳି, ୨୫ା୧୧(ସମିସ):** କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓଏଚ୍‌ପିସି ବିଶ୍ୱକର୍ମା ପୂଜା ପଡ଼ିଆଠାରେ ଚାଲିଥିବା ସାଗର ମେମୋରିଆଲ କ୍ରିକେଟ ପ୍ରତଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଆଜିର ଫାଇନାଲ ମ୍ୟାଚ୍ ଫାଇଟ୍ କ୍ଲବ ଓ ଆରସିସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୩ ଟିକିଆ ଫାଇନାଲ ମ୍ୟାଚରେ ଲଗାତର ଦୁଇଟି ମ୍ୟାଚରେ ୩୦ ଓ ୨୨ ରନ ବ୍ୟବଧାନରେ ଫାଇଟ୍ କ୍ଲବ ଆରସିସିକୁ



ହରାଇ ଚାମ୍ପିଅନ ହେଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମିତି ସଭ୍ୟ ଦେବାଶିଷ ମହାନ୍ତି ଯୋଗଦେଇ ଚାମ୍ପିଅନ ଫାଇଟ କ୍ଲବ ଓ ରନର୍ସ ଅପ୍ ଆରସିସି କ୍ଲବକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ । ଏସକେ ଅନୁଲ ଓ ଅବଦୁଲ ଆରିଫ୍ ମ୍ୟାଚ ପରିଚାଳନା କରିଥିବା ବେଳେ ବେଳେ ସାଗର କ୍ରିକେଟ ଦଳର ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

## କଳିଙ୍ଗ ଡିଏଭି ପବ୍ଲିକ୍ ସ୍କୁଲ ପକ୍ଷରୁ ଦୁଇଦିନିଆ ପୁସ୍ତକ ମେଳା

**ତାଳଚେର, ୨୫ ।୧୧(ସମିସ):** ଡିଏଭି ପବ୍ଲିକ୍ ସ୍କୁଲ, ଏମସିଏଲ କଳିଙ୍ଗ କ୍ଷେତ୍ର ପରିସରରେ ଚଳିତ ନଭେମ୍ବର ମାସ ୨୪ ଏବଂ ୨୫ ତାରିଖରେ ଦୁଇ ଦିନିଆ ପୁସ୍ତକ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ପୁସ୍ତକ ମେଳାକୁ ମୁଖ୍ୟ ଅତିଥି ଭାବେ ଏମସିଏଲ ହିଙ୍ଗୁଳା କ୍ଷେତ୍ରର ମହାପ୍ରବନ୍ଧକ ଏ.କେ. ସ୍ୱର୍ଣ୍ଣକର ଉଦ୍‌ଘାଟନ



କରିଥିଲେ । ପୁସ୍ତକ ପଠନ ପ୍ରତି ଛାତ୍ରଛାତ୍ରୀଙ୍କର ଆଗ୍ରହ ଦେଖି ସେ ସନ୍ତୋଷ ପ୍ରକାଶ କରିଥିଲେ । ଏହି ମେଳାର ଆୟୋଜନ ଛାତ୍ରଛାତ୍ରୀଙ୍କର ଜ୍ଞାନର ବିକାଶ କ୍ଷେତ୍ରରେ ଅତ୍ୟନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଏହି ମେଳାରେ ସମ୍ମାନିତ ଅତିଥି ରୂପେ ସୁନାମଧନ୍ୟା କବୟିତ୍ରୀ ଶର୍ମିଷ୍ଠା ସାହୁ ଉପସ୍ଥିତ ରହି ପୁସ୍ତକ ମେଳାର ଆଭିମୁଖ୍ୟ ଓ ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ । ଏଥିରେ ବିଦ୍ୟାର୍ଥୀମାନଙ୍କୁ ସହାୟତା କରିବା ନିମନ୍ତେ ଅନେକ ପୁସ୍ତକ, ଜ୍ଞାନର ପରିପ୍ରକାଶ ପାଇଁ ବିଭିନ୍ନ ପୁସ୍ତକ ଏବଂ ମନୋରଞ୍ଜନ ନିମନ୍ତେ ଗଳ୍ପ, ଉପନ୍ୟାସ, ହିତୋପଦେଶ ଇତ୍ୟାଦି ପୁସ୍ତକ ଇଂରାଜୀ, ଓଡ଼ିଆ ଏବଂ ହିନ୍ଦୀ ଭାଷାରେ ଉପଲବ୍ଧ ଥିଲା । ପ୍ରାୟ ୪ହଜାରରୁ ଊର୍ଦ୍ଧ୍ୱ ପୁସ୍ତକ ଅକ୍ସଫୋର୍ଡ ବୁକ ଷ୍ଟୋର ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଏବଂ ଅଭିଭାବକ ପୁସ୍ତକ କ୍ରୟ କରିଥିଲେ ।

## ଜିଲ୍ଲାସ୍ତରୀୟ ବିଦ୍ୱତ୍ ପରିଷଦ ଆଲୋଚନାଚକ୍ର

**ଅନୁଗୋଳ, ୨୫ା୧୧(ସମିସ)**




ଅନୁଗୋଳ ଗାନ୍ଧୀମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜିଲ୍ଲାସ୍ତରୀୟ ବିଦ୍ୱତ ପରିଷଦ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅନୁଗୋଳ ବିଭାଗ ନିରୀକ୍ଷକ ବିରଞ୍ଚି ନାରାୟଣ ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ସ୍ଥାନୀୟ ଶିଶୁମନ୍ଦିର ପରିଚାଳନା ସମିତିର କୋଷାଧ୍ୟକ୍ଷ ଶିକ୍ଷାବିତ୍ ସନ୍ତୋଷ କୁମାର ଶତପଥୀ ଅଧ୍ୟକ୍ଷତା କରିଥିଲେ । ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଯୋଜନା ଅନୁଯାୟୀ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲାର ସମସ୍ତ ଶିଶୁମନ୍ଦିରର ବିଦ୍ୱତ ପରିଷଦ ସଭାପତି, ସମ୍ପାଦକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରିଥିଲେ । ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଆରଟିଓ ବସନ୍ତ କୁମାର ମାଝୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ବକ୍ତା ଭାବରେ ପ୍ରାନ୍ତ ବିଦ୍ୱତ ପରିଷଦ ସଂଯୋଜକ ଅଶ୍ୱିନୀ କୁମାର ନାୟକ, ସମ୍ମାନିତ ଅତିଥି ଭାବରେ ଅନୁଗୋଳ ବିଭାଗ ବିଦ୍ୱତ ପରିଷଦ ପ୍ରମୁଖ ହରମୋହନ ଦାସ, ସ୍ଥାନୀୟ ଶିଶୁମନ୍ଦିରର ସମ୍ପାଦକ ଧନେଶ୍ୱର ନାଏକ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅନୁଗୋଳ ଶିଶୁମନ୍ଦିରର ସହପ୍ରଧାନାଚାର୍ଯ୍ୟ ବିପ୍ରଚରଣ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନୁଗୋଳ ବିଭାଗ ବିଦ୍ୱତ ପରିଷଦ ପ୍ରମୁଖ ହରମୋହନ ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ 'ଭାରତର ସ୍ୱ' ଶୀର୍ଷକ ଆଲୋଚନାଚକ୍ରରେ ଭାଗ ନେଇ ମୁଖ୍ୟ ଅତିଥି ଶ୍ରୀ ମାଝି ନିଜ ଅଭିଭାଷଣରେ ଭାରତବର୍ଷର 'ସ୍ୱ' ହେଉଛି ଭାରତର ମୂଳଧର୍ମ ଓ ସଂସ୍କୃତି । ଆମ ରାଷ୍ଟ୍ରର ବିକାଶ ସ୍ୱଜାଗରଣ ଉପରେ ନିର୍ଭର କରେ । ସ୍ୱତନ୍ତ୍ରତାର ଏହି ମାହେନ୍ଦ୍ର ବେଳାରେ ଆମେମାନେ ସ୍ୱଚିନ୍ତା, ସ୍ୱସାଧନା, ସ୍ୱପରମ୍ପରାକୁ ଆପଣେଇ ନିଜ ଦୈନନ୍ଦିନ କାର୍ଯ୍ୟଶୈଳୀରେ ପ୍ରୟୋଗ କରିପାରିଲେ ଭାରତବର୍ଷ ବିଶ୍ୱର ମାର୍ଗଦର୍ଶକ ହୋଇ ପାରିବ ବୋଲି ମତ ପ୍ରକାଶ କରିଥିଲେ । ଶେଷରେ ଅନୁଗୋଳ ଶିଶୁମନ୍ଦିରର ସମ୍ପାଦକ ଧନେଶ୍ୱର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଶିଶୁ ମନ୍ଦିର ବିଦ୍ୱତ ପରିଷଦ ସଭାପତି ସଦାନନ୍ଦ ପରିଡ଼ା, ପୂର୍ବତନ ସମ୍ପାଦକ ବିଜୟ କୁମାର ମୋଦୀ, ଶିକ୍ଷାବିତ୍ ବିଶ୍ୱରଞ୍ଜନ ପ୍ରଧାନ, ସରୋଜ କୁମାର ପାଣି, ପ୍ରମୋଦ କୁମାର ଦେହୁରୀ, ସମାଜସେବୀ ବିଭୂତି ଭୂଷଣ ସ୍ୱାଇଁ, ହେମନ୍ତ ପ୍ରଧାନ, ବାବୁଲି ସାମଲ, ଅନୀଲ ଦେହୁରୀ, ନିରୂପମା ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ତୃତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ ଡଃ. ରମେଶ ଚନ୍ଦ୍ର ସାହୁ

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପଦାରବିନ୍ଦରେ
ଆମ୍ଭେମାନେ ପ୍ରାର୍ଥନା କରୁଛୁ ।

-: ଶୋକସନ୍ତପ୍ତ :-
ବନ୍ଧୁ ଓ ପରିବାରବର୍ଗ

## ସନ୍ଦେହଜନକ ଅବସ୍ଥାରେ ଯୁବକର ଝୁଲନ୍ତା ମୃତଦେହ ଉଦ୍ଧାର

**ହିନ୍ଦୋଳ, ୨୫।୧୧(ସମିସ):** ହିନ୍ଦୋଳ ଉପଖଣ୍ଡ କଡଲା ପଞ୍ଚାୟତର କଂସରକୁଟ୍ ସାହିର ଜନୈକ ଯୁବକଙ୍କ ଝୁଲନ୍ତା ମୃତଦେହ ସନ୍ଦେହ ଜନକ ଭାବେ ଉଦ୍ଧାର କରାଯାଇଛି। କଂସରକୁଟ ସାହିର ଶ୍ରୀନିବାସ ପ୍ରଧାନ(୪୫) ମାନସିକ ଭାରସାମ୍ୟ ହରାଇ ଘର ଭିତରେ ୫ଦିନ ପୁର୍ବରୁ ଆତ୍ମହତ୍ୟା କରିଥିବାର ଜଣାପଡ଼ିଛି। ପରିବାର ସଦସ୍ୟଙ୍କ ଅନୁପସ୍ଥିତିରେ ଶ୍ରୀନିବାସ ଆତ୍ମହତ୍ୟା କରିଥିବାର ସନ୍ଦେହ କରାଯାଉଛି। ଖବରପାଇ ସ୍ଥାନୀୟ ସରପଞ୍ଚ, ବାଲିମୀଥାନା ପୁଲିସ ଏବଂ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଘରର କବାଟ ଫିଟାଇ ଶ୍ରୀନିବାସଙ୍କ ମୃତ ଶରୀରକୁ ଉଦ୍ଧାର କରିଥିଲେ। ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ କରାଯାଉଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର କାରଣ ଜଣାପଡ଼ିବ।

## ବାପା ଘରକୁ ଯିବାକୁ କହି ସ୍ତ୍ରୀ ନିଖୋଜ

**ଥାନାରେ ଅଭିଯୋଗ କଲେ ସ୍ୱାମୀ**

**କାମାକ୍ଷାନଗର, ୨୫।୧୧(ସମିସ):** ବାପାଘରକୁ ଯିବାକୁ କହି ସ୍ତ୍ରୀ ନିରୁଦ୍ଦିଷ୍ଟ। ଶଶୁରଘର ଠାରୁ ଆରମ୍ଭ କରି ବନ୍ଧୁବାନ୍ଧବ ଘରେ ଖୋଜି ସ୍ତ୍ରୀକୁ ନପାଇ କାମାକ୍ଷାନଗର ଥାନାରେ ଅଭିଯୋଗ କରିଛନ୍ତି ସ୍ୱାମୀ। ସୂଚନା ଅନୁସାରେ କାମାକ୍ଷାନଗର ଥାନା ୫ ନମ୍ବର ୱାର୍ଡର ଗଣେଶ୍ୱର ମହାଳିକଙ୍କ ସ୍ତ୍ରୀ ଶ୍ରୀମତୀ ମହାଳିକ ଗତ ୨୧ ତାରିଖ ନିଜ ବାପା ଘର ତାଳଚେର ଯିବା ପାଇଁ କାମାକ୍ଷାନଗରରୁ ବାହାରିଥିଲେ। କିନ୍ତୁ ସେ ଆଜି ପର୍ଯ୍ୟନ୍ତ ନିଜ ବାପାଘର ତାଳଚେର କିମ୍ବା କୌଣସି ବନ୍ଧୁବାନ୍ଧବଙ୍କ ଘରକୁ ନଯାଇ କେଉଁଆଡେ ନିଖୋଜ ଅଛନ୍ତି। ଏନେଇ ଗଣେଶ୍ୱର କାମାକ୍ଷାନଗର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ୫୦ଟଙ୍କା ଉପରେ ଅଧିକାଂଶ ପରିବା

**ଗଁଦିଆ, ୨୫।୧୧(ସମିସ):** ଧର୍ମମାସ କାର୍ତ୍ତିକରେ ପନିପରିବା ଦର ଆକାଶଛୁଆଁ ହୋଇଛି। ଗୁରୁବାର ଠାରୁ ପଞ୍ଚୁକ ଆରମ୍ଭ ହୋଇଛି। ଏହାର ପ୍ରଭାବ ପରିବା ବଜାର ଉପରେ ପଡ଼ିଛି। ଅଧିକାଂଶ ପରିବା ଦର କେଜି ପିଛା ୬୦ ଟଙ୍କା ଉପରେ ରହିଛି। ଅମଳ ସିଜିନ ନଥିବାରୁ ଯାହାକିଛି ପନିପରିବା ଆସୁଚି ତା'ର ଦର ଆକାଶ ଛୁଆଁ ରହୁଛି। ଏପରିକି ଗତମାସରେ ଯେଉଁ ପରିବା ୨୦ରୁ ୪୦ ଟଙ୍କା ଥିଲା ଏବେ ତାହା ୫୦ରୁ ୭୦ ଟଙ୍କା ହୋଇଯାଇଛି। ଚାଷୀ ପନିପରିବା ଅମଳ କରି ପ୍ରକୃତ ଲାଭ ପାଉନଥିବା ବେଳେ ମଧ୍ୟସ୍ଥି ଓ ବେପାରୀ ଫାଇଦା ନେଇ ମନଇଚ୍ଛା ଦର ଲଗାଉଛନ୍ତି। ଗଁଦିଆରେ ଗୁରୁବାର ପୋଟଳ କେଜି ପିଛା ୭୦ ଟଙ୍କା, ବିନି ୮୦, ବାଇଗଣ ୫୦, ଟମାଟୋ ୫୦, କଲରା ୫୦, ଭେଣ୍ଡି ୬୦, ଜହ୍ନି ୭୦, ବନ୍ଧାକୋବି ୫୦, ଗାଜର ୮୦, ଭଣ୍ଡା ୩୦, ଝୁଡଙ୍ଗ ୬୦, ଫୁଲକୋବି ୫୦, କାକୁଡି ୫୦, କ୍ୟାପ୍ସିକମ କେଜି ପିଛା ୮୦ ଟଙ୍କାରେ ବିକ୍ରି ହେଉଛି।

## ମହୁମାଛି ଆକ୍ରମଣରେ ଗୋଟିଏ ପରିବାରର ୨ ଶିଶୁ ସମେତ ୪ ଗୁରୁତର

**କାମାକ୍ଷାନଗର, ୨୫।୧୧(ସମିସ):** ବଡ଼ଓଷାରେ ଅଘଟଣ। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା କନ୍ଦରସିଂହା ସ୍ଥିତ ରାମେଶ୍ୱର ମନ୍ଦିରରୁ ଫେରୁଥିବା ବେଳେ ମହୁମାଛି ଆକ୍ରମଣରେ ଗୋଟିଏ ପରିବାରର ୪ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ଜଗନ୍ନାଥପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ପିପ୍ପଳା ଗାଁର ବାବୁ ରାଉତ, ସ୍ତ୍ରୀ ଶର୍ମିଷ୍ଠା ରାଉତ, ୫ବର୍ଷର ପୁଅ ଜଗା ଓ ୮ବର୍ଷର ଝିଅ ପୁନମ ରାଉତ। ସମସ୍ତେ ବାଇକ ଯୋଗେ ରାମେଶ୍ୱର ମନ୍ଦିରରୁ ଦର୍ଶନ ସାରି ଘରକୁ ଫେରୁଥିବା ବେଳେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ସମସ୍ତଙ୍କୁ ପ୍ରଥମେ କାମାକ୍ଷାନଗର ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସମସ୍ତଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

### ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପଶୁସମ୍ପଦ ମେଳା ଉଦ୍‌ଯାପିତ

# ଧାନ ଅପେକ୍ଷା ମାଛଚାଷ ଓ ପଶୁପାଳନ ଅଧିକ ଲାଭଦାୟକ




**ଢେଙ୍କାନାଳ, ୨୫।୧୧(ସମିସ)**

ଢେଙ୍କାନାଳ ସହରର ମହିଷାପାଟସ୍ଥିତ ପଲ୍ଲିଶ୍ରୀ ମେଳା ପଡ଼ିଆରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପଶୁ ସମ୍ପଦ ମେଳାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ୍ କ ଯୋଗଦେଇ ଧାନଚାଷ ଅପେକ୍ଷା ଉନ୍ନତମାନର ମାଛଚାଷ ଓ ପଶୁପାଳନ ଅଧିକ ଲାଭଦାୟକ ବୋଲି କହିଥିଲେ। ଏହାସହ ଏହିସବୁ ଚାଷ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଦିଆଯାଉଥିବା ରିହାତିର ଲାଭ ଉଠାଇବାକୁ କହିଥିଲେ। ବିଭାଗୀୟ ଅଧିକାରୀଙ୍କ ସହ ଲୋକ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନେ ଚାଷୀଙ୍କୁ ଅଧିକ ସଚେତନ କରିବା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଚାଷୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା ବାର୍ତ୍ତା ପ୍ରସାରିତ ହୋଇଥିଲା। ଏହାସହ ଜିଲ୍ଲାର ସଫଳ ଚାଷୀମାନଙ୍କ କାହାଣୀ ପ୍ରଦର୍ଶିତ ହୋଇଥିଲା। ଜିଲ୍ଲାର ଅଗ୍ରଣୀ ଚାଷୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ପାଇଁ ଯାଦୁକର ବିମଳ ବିଶ୍ୱାଳଙ୍କ ଦ୍ୱାର ମ୍ୟାଜିକ୍ ଶୋ କରାଯାଇଥିଲା। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଡମ୍ବରୁଧର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ମତ୍ସ୍ୟ ଅଧିକାରୀ ସଂଗ୍ରାମ କେଶରୀ କର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ଅବନୀ ମିଶ୍ର ପରିଚାଳନା କରିଥିଲେ। ମେଳାରେ କୃଷି ବିଜ୍ଞାନୀମାନେ ଚାଷୀଙ୍କୁ ମତ୍ସ୍ୟ ଚାଷ ଓ ପଶୁପାଳନ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ୮ଟି ବ୍ଲକର ଚାଷୀ ଓ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଯୋଗ ଦେଇଥିଲେ।

## ମଦମୁକ୍ତି ଯୁବବାହିନୀ ପକ୍ଷରୁ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ

**ଢେଙ୍କାନାଳ, ୨୫।୧୧(ସମିସ):** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୨୩ତମ ଜୟନ୍ତୀ ଉପଲକ୍ଷେ ଆଜି ମଦମୁକ୍ତି ଯୁବବାହିନୀ ଦ୍ୱାରା ଢେଙ୍କାନାଳ ଜିଲ୍ଲାରେ ପ୍ରଭାତଫେରୀ ଓ ସଭା ଆୟୋଜିତ ହୋଇଯାଇଛି। ଏକ ମଦମୁକ୍ତ ତଥା ସ୍ୱାଭିମାନୀ ଓଡ଼ିଶାର ନିର୍ମାଣ ପାଇଁ କାର୍ଯ୍ୟରତ ଯୁବବାହିନୀ ଦ୍ୱାରା ଆହୁତ ଏହି କାର୍ଯ୍ୟକ୍ରମରେ ଯୁବକମାନେ ଯୋଗଦେଇ ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଗୃହୀତ ହୋଇଥିବା ଓଡ଼ିଶା ନିଶା ନିବାରଣ ଆଇନ-୧୯୫୬କୁ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କଠାରେ ଦାବି ରଖିଛନ୍ତି। ନିସ୍ୱାର୍ଥପର ଓ ସ୍ୱାଭିମାନୀ ଯୁବକ ଯୁବତୀମାନେ ସଙ୍ଗଠିତ ହେଲେ ହିଁ ମଦମୁକ୍ତ ଓଡ଼ିଶା ସମ୍ଭବ ହୋଇପାରିବ ବୋଲି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଢେଙ୍କାନାଳ ଜିଲ୍ଲା ସଦସ୍ୟ ବିଶିଷ୍ଟ ସମାଜବାଦୀ ନେତା ସରୋଜ ଶତପଥି ମତ ପ୍ରକାଶ କରିଛନ୍ତି। ମଦମୁକ୍ତି ଯୁବବାହିନୀ ଟାଉନ୍ ହଲ୍‌ରୁ ବାହାରି ବାଜି ଚୌକ୍ ପର୍ଯ୍ୟନ୍ତ ଚାଲି ଚାଲି ଗାନ୍ଧୀଙ୍କ ଗୀତ ଗାଇ ଗାଇ ଏବଂ ଓଡ଼ିଶାରୁ ମଦ ବନ୍ଦ୍ କରିବା ନାରା ଦେଇ ବାଜି ଚୌକ୍ ପହଁଚିଥିଲେ। ସେଠାରେ ସହିଦ୍ ବାଜିରାଉତ୍‌ଙ୍କୁ ପ୍ରେମାନନ୍ଦ ସାହୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଓ ଚାଷୀନେତା ସୁଶାନ୍ତ ଭାଇ ନବବାବୁଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ କରିଥିଲେ।



## ଦନ୍ତାହାତୀ ଆକ୍ରମଣରେ ଜଣେ ଆହତ

**ଗଁଦିଆ, ୨୫।୧୧(ସମିସ):** ଦନ୍ତାହାତୀ ଆକ୍ରମଣରେ ଜଣେ ଆହତ ହୋଇଛନ୍ତି। ବନବିଭାଗ ଠାରୁ ପ୍ରକାଶ ଗଁଦିଆ ଥାନା ଅନ୍ତର୍ଗତ ଧନିଆନାଳି ଗ୍ରାମର କଲଣ ସାହିର କାହ୍ନୁ ମୁଣ୍ଡା(୬୨) ସାଇକଲରେ ଡିଜେଲ ଆଣିବା ପାଇଁ ପିଙ୍ଗୁଆକୁ ଯିବା ବେଳେ ଆଜି ଅପରାହ୍ଣରେ ଧନିଆନାଳୀ ଜଙ୍ଗଲ ମଧ୍ୟରୁ ଉକ୍ତ ଦନ୍ତା ମୁଖ୍ୟ ରାସ୍ତା ପାର ହୋଇ ରାଇଗଡ଼ ଜଙ୍ଗଲକୁ ଯିବା ବେଳେ ମୁହାଁମୁହିଁ ହୋଇଥିଲେ। ଫଳରେ ସେ ଦନ୍ତାଟି ଦାନ୍ତରେ କାହ୍ନୁଙ୍କ ପିଚାକୁ ଭୁସି ଦେଇଥିଲା। ସେ ପାଟିକରିବାରୁ ଘଟଣା ସ୍ଥଳରୁ ଦନ୍ତା ପଳାଇ ଥିଲା। ତାକୁ ପ୍ରଥମେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଢେଙ୍କାନାଳକୁ ସ୍ଥାନାନ୍ତର କରାଯାଇଛି।

## ଦୁର୍ଘଟଣାରେ ଜଣେ ମୃତ; ଜଣେ ଗୁରୁତର

**ହିନ୍ଦୋଳ, ୨୫।୧୧(ସମିସ):** ହିନ୍ଦୋଳ ଉପଖଣ୍ଡର ପୁରୁଣା କଟକ-ସମ୍ବଲପୁର ରାସ୍ତାର ସାତମାଇଲି ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟଜଣେ ଗୁରତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଟାଟାଷ୍ଟିଲ ମେରାମଣ୍ଡଳୀ କାରଖାନାରେ କାର୍ଯ୍ୟ କରୁଥିବା ତିର୍ତ୍ତୋଲ ଥାନା ଅଞ୍ଚଳର ଆନନ୍ଦ ପାତ୍ର(୨୮) ଓ ଯାଜପୁର ଜିଲ୍ଲାର ଦିବ୍ୟରଞ୍ଜନ ପ୍ରଧାନ କୌଣସି କାର୍ଯ୍ୟରେ ବାଇକରେ କଟକ ଅଭିମୁଖେ ଯାଉଥିଲେ। ବାଲିମୀଥାନା ଅନ୍ତର୍ଗତ ସାତମାଇଲି ଛକ ନିକଟରେ ବାଇକଟି ଦୁର୍ଘଟଣାଗ୍ରସ୍ତ ହେବାରୁ ଉଭୟେ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ଦିବ୍ୟରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ଆନନ୍ଦଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

## ଧର୍ମ ପରାୟଣ ମହିଳାଙ୍କ ପରଲୋକ

**କଙ୍କଡ଼ାହାଡ଼, ୨୫।୧୧(ସମିସ):** କଙ୍କଡ଼ାହାଡ଼ ବ୍ଲକ କେରଜୋଳି ପଞ୍ଚାୟତ ଅନ୍ତର୍ଗତ ଝାଞ୍ଜିରିବେରଣା ଗ୍ରାମରେ ସାବିତ୍ରୀ ପଧାନ(୪୫)ଙ୍କର ପରଲୋକ ହୋଇଯାଇଛି। କିଛି ଦିନ ହେବ ପେଟରେ ଟ୍ୟୁମର ହେବାରୁ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ କିଛି ସୁସ୍ଥ ଅନୁଭବ ହେବାରୁ ଘରକୁ ଆସିଥିଲେ। ଗଲା କାଲି ରାତି ସମୟରେ କଷ୍ଟ ଅନୁଭବ କରିବାରୁ ତାଙ୍କ ସ୍ୱାମୀ ସମ୍ବାରିଆ ପଧାନ ଢେଙ୍କାନାଳ ମେଡିକାଲ ନେଇଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଅତି ଗୁରୁତର ହେବାରୁ କଟକ ମେଡିକାଲକୁ ନେଉଥିବା ସମୟରେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସାବିତ୍ରୀ ପଧାନ ଜଣେ ଧର୍ମପରାୟଣ ମହିଳା ଥିଲେ। ଏ ଖବର ପାଇ କଙ୍କଡ଼ାହାଡ଼ ବ୍ଲକ ପୂର୍ବତନ ଅଧ୍ୟକ୍ଷ ତଥା ପରଜଙ୍ଗ ନିର୍ବାଚନ ମଣ୍ଡଳୀର ବିଜେଡି ନେତା କାର୍ତ୍ତିକ ସାହୁ ଓ କେରଯୋଳି ପଞ୍ଚାୟତ ସରପଞ୍ଚ ରାଜକିଶୋର ସାହୁ ପହଞ୍ଚି ଉକ୍ତ ପରିବାରକୁ ସମବେଦନା ଜଣାଇବା ସହିତ ତାଙ୍କ ଆମର ଆତ୍ମାକୁ ସଦ୍‌ଗତି କାମନା କରିଥିଲେ।



## ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ବିରୋଧ ଉପରେ ଶପଥ ପାଠ

**ଢେଙ୍କାନାଳ, ୨୫।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ରାଧାଦେଇପୁର ଗ୍ରାମରେ ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ପ୍ରଥାକୁ ବିରୋଧ କରି ଯୁବକ ସଂଘ, ଗ୍ରାମବାସୀ ଓ ଉତ୍ସାହି ବ୍ୟକ୍ତି ବିଶେଷମାନେ ଶପଥ ପାଠ କରିଛନ୍ତି। ଏହା ଏକ ସୁନ୍ଦର କାର୍ଯ୍ୟକ୍ରମ ଓ ଦେଶର ସମ୍ମାନ ସୂଚକ ବୋଲି ଉତ୍ସାହି ବ୍ୟକ୍ତି ତଥା ଗ୍ରାମବାସୀ ଦୃଢ ସଂକଳ୍ପ ନେଇ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଟୁନିସ୍ୱିନୀ ବାରିକଙ୍କ ସହିତ ଗ୍ରାମର କୈଳାଚନ୍ଦ୍ର ରାଉଳ, ସଂଗ୍ରାମ କୁମାର ରାଉଳ, ଅଭିଷେକ ବାରିକ, ଗଙ୍ଗାଧର ସେଠୀ, ବିକ୍ରମ ସେଠୀ ଓ ଅଜୟ କୁମାର ସାହୁଙ୍କ ସମେତ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ।

DADLS-56

ଓଡ଼ିଶା ସରକାର



ଜନଗଣର ନେତା ବୀରେନ୍ ମିତ୍ରଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୨୬ ନଭେମ୍ବର, ୨୦୨୩

ସକାଳ ୯ ଘଟିକା– ଭୁବନେଶ୍ୱରସ୍ଥିତ ଜୟଦେବ ବିହାର ଛକଠାରେ ବୀରେନ୍ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ,
ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ

ବିଶିଷ୍ଟ ବକ୍ତା
ଶ୍ରୀଯୁକ୍ତ ତଥାଗତ ସତପଥୀ, ପୂର୍ବତନ ସାଂସଦ ତଥା ସଂପାଦକ , ଧରିତ୍ରୀ

ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ଅମର ପ୍ରସାଦ ଶତପଥୀ, ମାନ୍ୟବର ବିଧାୟକ,ବଡଚଣା
ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର, ମାନ୍ୟବର ବିଧାୟକ,ବଡ଼ମ୍ବା
ଶ୍ରୀଯୁକ୍ତ ପ୍ରିୟଦର୍ଶୀ ମିଶ୍ର, ସଭାପତି, ବୀରେନ୍ ମିତ୍ର ଫାଉଣ୍ଡେସନ

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ବୀରେନ ମିତ୍ର ଫାଉଣ୍ଡେସନ, କଟକର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0204/2324

## ଜେଲ୍ ଫେରନ୍ତା ପୁଣି କୋର୍ଟ ଚାଲାଣ

**ଗଁଦିଆ, ୨୫।୧୧(ସମିସ):** ଜଣେ ଜେଲ ଫେରନ୍ତାକୁ ଗଁଦିଆ ପୁଲିସ ପୁଣି ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ସୂଚନା ଅନୁସାରେ, ଢେଙ୍କାନାଳ ଜିଲ୍ଲା ସଦର ଥାନ ଅନ୍ତର୍ଗତ ଶୁଆଖିଆକାଟେଣୀ ଗ୍ରାମର ଶରତ ନାଏକ ୧୩ବର୍ଷ ତଳେ ଗଁଦିଆ ଥାନା ଅନ୍ତର୍ଗତ ଇଲେଇଜଙ୍ଗ ଗ୍ରାମର ସୁମିତ୍ରା ପାତ୍ରଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ପୁଅ ଅଛି କିନ୍ତୁ ତାର ସ୍ୱାମୀ ସବୁବେଳେ ସୁମିତ୍ରାକୁ ମାରଧର କରୁଥିଲେ। ଯାହା ଫଳରେ ଉଭୟଙ୍କର ମଧ୍ୟରେ ଅସନ୍ତୋଷ ଲାଗି ରହୁଥିଲା। ସେ ୨୦୧୩ ମସିହାରେ ଏକ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅବିଯୋଗରେ ଗଁଦିଆ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିପରି ତୁମୁସିଙ୍ଗା ଥାନାରେ ମଧ୍ୟ ତାର ନାମରେ ୨୦୨୨ମସିହାରେ ମକଦମା ଥିବାର ଜଣାଯାଏ। ଜେଲରୁ ଆସିଲା ପରେ ନିଜ ସ୍ତ୍ରୀକୁ ମାରଧର କରିବା ସହିତ ଅକଥନୀୟ ନିର୍ଯାତନା ଦେଉଥିଲା। ଏନେଇ ସୁମିତ୍ରା ଗଁଦିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ କେ, ନଂ୩୩୦ରେ ଏକ ମାମଲା ରୁଜୁ କରି ୨୩ତାରିଖରେ ଉକ୍ତ ଅଭିଯୁକ୍ତକୁ ଗିରଫ କରି ଗତକାଲି କୋର୍ଟ ଚାଲାଣ କରିଛି।



### କୋମାରେ ପୁଅ; ଜଗିଛି ମା'

# ଦୁଃଖ ଦେଇଗଲା ଦୁର୍ଘଟଣା

କେନ୍ଦ୍ରାପଡ଼ା, ୨୫ ।୧୧(ସମିସ): ସାମାନ୍ୟ ଦୁର୍ଘଟଣା ଯୁବକଙ୍କୁ କୋମା କରିଦେଇଛି । ପ୍ରଥମେ ବିଜୁ ସ୍ୱାସ୍ଥ୍ୟ କାର୍ଡରେ ମାଗଣା ଚିକିତ୍ସା କରାଯାଇଥିଲା । କାର୍ଡରେ ଥିବା ୫ ଲକ୍ଷ ଟଙ୍କା ଶେଷ ହୋଇଯିବା ପରେ ପରେ ଜମିବାଡ଼ି, ଅଳଙ୍କାର ଆଉ ଗଚ୍ଛିତ ଧନ ସବୁ ଚିକିତ୍ସା ପାଇଁ ଖର୍ଚ୍ଚ ହୋଇଯାଇଛି । ଯୁବକ ଜଣଙ୍କ ସୁସ୍ଥ ହୋଇପାରିନାହାନ୍ତି । ବର୍ତ୍ତମାନ ଆଉ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଲେ ସେ ସୁସ୍ଥ ହୋଇପାରିବେ ବୋଲି ଡାକ୍ତର କହୁଛନ୍ତି; ହେଲେ ପାଖରେ ଟଙ୍କାଟିଏ ନ ଥିବାରୁ ଅଧାରେ ଅଟକିଛି ଚିକିତ୍ସା । ଘରେ ପଡ଼ିଛି ପୁଅ । ମା ଆଖିରୁ ଲୁହ ଶୁଖୁନି । କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଭଗବାନପୁର ଗ୍ରାମରେ ଏହିଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି । ଏହି ଗାଁର ୩୦ ବର୍ଷୀୟ ଯୁବକ ସଞ୍ଜୟ ସ୍ୱାଇଁ ଦୁର୍ଘଟଣାର ଶିକାର ହେବା ପରେ ତାଙ୍କ ପରିବାରକୁ ଦୁଃଖ ମାଡି ବସିଛି ।



■ ଟଙ୍କା ଅଭାବରୁ ଚିକିତ୍ସା ହୋଇପାରୁନି
■ ୧୦ ଲକ୍ଷ ଟଙ୍କା ଆବଶ୍ୟକ
■ ବିଜୁ ସ୍ୱାସ୍ଥ୍ୟ କାର୍ଡରୁ ଟଙ୍କା ସରିଗଲା
■ ଚିକିତ୍ସାରେ ଜମିବାଡ଼ି, ଅଳଙ୍କାର ବିକ୍ରି

ଏକ ବିସ୍କୁଟ କମ୍ପାନୀରେ ଚାକିରି କରି ସେ ମାସିକ ୩୦ ହଜାର ଟଙ୍କା ରୋଜଗାର କରୁଥିଲେ । ହସ ଖୁସିରେ ଜୀବନ ବିତୁଥିଲା; କିନ୍ତୁ ହଠାତ ମାଡି ଆସିଲା ଅଦିନିଆ ଝଡ଼ । ସଞ୍ଜୟ ଓ ତାଙ୍କ ପରିବାରକୁ ଅବାକ କରିଦେଲା । ଦେଢ଼ ବର୍ଷ ତଳେ ସେ ବାଇକରେ ଆସୁଥିବା ସମୟରେ ସାମ୍ନାରୁ ଆସୁଥିବା ଏକ ସାଇକେଲ ସହ ତାଙ୍କର ଛୋଟ ଦୁର୍ଘଟଣା ହୋଇଥିଲା । ଦୁର୍ଘଟଣା ସିନା ଛୋଟ ଥିଲା; ହେଲେ ସଞ୍ଜୟଙ୍କୁ ଏହି ଦୁର୍ଘଟଣା ବଡ଼ ଆଘାତ ଦେଇଗଲା । ସାଇକେଲ ଆରୋହୀଙ୍କ ଜୀବନ ବଞ୍ଚାଇବାକୁ ଯାଇ ସଞ୍ଜୟ ଦୁର୍ଘଟଣାର ଶିକାର ହୋଇଥିଲେ । ସାଇକେଲ ପ୍ୟାଡେଲଟି ସଞ୍ଜୟ ସ୍ୱାଇଁଙ୍କ ମୁଣ୍ଡରେ ପଶିଯିବାରୁ ଖପୁରି ଫାଟି ଯାଇଥିଲା ।ଅଳ୍ପକେ ଜୀବନ ବର୍ତ୍ତିଗଲା । ଏହାପରେ ୧ ବର୍ଷ ଧରି ଚିକିତ୍ସା ଚାଲିଲା । ପାଖାପାଖି ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଲା । ସଞ୍ଜୟଙ୍କ ମା' ଚିକିତ୍ସା ପାଇଁ ଜମି ବାଡ଼ି ବିକିଦେଲେ । ବର୍ଷେ ଚିକିତ୍ସା ପରେ ସଞ୍ଜୟ ସାମାନ୍ୟ ସୁସ୍ଥ ହେଲେ; କିନ୍ତୁ କୋମାକୁ ଚାଲିଗଲେ । ୮ ମାସ ହେବ ତାଙ୍କର ଫିଜିଓଥେରାପି ଚାଲୁଛି । ଅତ୍ୟାଧୁନିକ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି । ସଞ୍ଜୟଙ୍କ ଏଭଳି ଅବସ୍ଥାରେ ତାଙ୍କ ମା' ପୁଅକୁ ଜଗି ବସିଛନ୍ତି । ସଞ୍ଜୟ ବର୍ତ୍ତମାନ ସମ୍ପୂର୍ଣ୍ଣ ଶଯ୍ୟାଶାୟୀ । କଥା ମଧ କହି ପାରୁନାହାନ୍ତି । ଖପୁରି ଫାଟିଥିବା ଅଂଶ ଖାଲ ଭଳି ରହିଛି । କେବେ ଶଯ୍ୟାଶାୟୀ ପୁଅ ଶେଜରୁ ଉଠିବ ଓ ପୁଣି ସ୍ୱାଭାବିକ ଜୀବନ ଯାପନ କରିବ ସେନେଇ ପରିବାର ଚାହିଁ ବସିଛି । ଅର୍ଥ ବାଧକ ସାଜିବାରୁ ସଞ୍ଜୟଙ୍କ ଚିକିତ୍ସା ଅଧାରେ ରହିଛି । ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ଛଡା ମା' ପୁଅଙ୍କ ଆଉ କିଛି ଆଶ୍ରା ନାହିଁ । ସଞ୍ଜୟଙ୍କରଚିକିତ୍ସା ପାଇଁ ଅଧିକରୁ ସହଯୋଗ କରିବାକୁ ତାଙ୍କ ମା ନିବେଦନ କରିଛନ୍ତି । ପ୍ରଶାସନ, କୌଣସି ସହୃଦୟ ବ୍ୟକ୍ତି କିମ୍ବା ଅନୁଷ୍ଠାନ ଆର୍ଥିକ ସହାୟ୍ୟା କରିବାକୁ ଚାହାନ୍ତି ତେବେ ତାଙ୍କ ମୋବାଇଲ ନମ୍ବର ୮୬୫୮୬୩୬୨୬ ଯୋଗାଯୋଗ କରିବାକୁ ତାଙ୍କ ମା' ଲୋକେ ଅନୁରୋଧ କରିଛନ୍ତି ।

## ପ୍ରି ଭୋକେସନାଲ ଏଜୁକେସନ ଅଭିଯାନ

ରାଜକନିକା, ୨୫ ।୧୧(ସମିସ): ସ୍ଥାନୀୟ ଆରଏନ୍ ହାଇସ୍କୁଲ ପକ୍ଷରୁ ଇଣ୍ଡଷ୍ଟ୍ରି ଭିଜିଟ ଅନ ପ୍ରି ଭୋକେସନାଲ ଏଜୁକେସନ ଅଭିଯାନ ଜାରି ରହିଛି । ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ବୈଷୟିକ ଜ୍ଞାନ ଆହରଣ କରି ଭବିଷ୍ୟରେ ନିଜକୁ ଠିକ ମାର୍ଗରେ ଜୀବିକା ଅର୍ଜନ କରିବା ଏବଂ ଉଚ୍ଚଶିକ୍ଷା ପାଇଁ ଅଧିକ ଉତ୍ସାହ ସୃଷ୍ଟି କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଜାରି ରହିଛି । ଓସେପା, ସ୍କୁଲ ଓ ଗଣଶିକ୍ଷା ବିଭାଗର ଏହି ସ୍ୱତନ୍ତ୍ର ଅଭିଯାନରେ ପ୍ରତି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସରକାର ଓ ଘରୋଇ ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟଶୈଳୀ ଓ ସେବା ପ୍ରଦାନ ସମ୍ପର୍କରେ ଜ୍ଞାନ ଆହରଣ କରିଛନ୍ତି । ଶିକ୍ଷକ ପ୍ରମୋଦ ପରିଡ଼ାଙ୍କ ସହ ବିଦ୍ୟାଳୟର ଶିକ୍ଷିକା ଇଶାନୀ ପ୍ରିୟଦର୍ଶନୀ, ଶିକ୍ଷକ ଦୀପକ ସାହୁ ଓ ଅଶ୍ୱିନୀ ବେହେରା ପ୍ରମୁଖ ଏହି ଅଭିଯାନରେ ସାମିଲ ରହିଛନ୍ତି । ଛାତ୍ରଛାତ୍ରୀ ରାଜକନିକା ଥାନାକୁ ଯାଇ ପୁଲିସ ଅଧିକାରୀ ମାନଙ୍କ ସହ ଆଲୋଚନା କରି ବୁଝିବା ପରେ ଇଣ୍ଡିଆନ ବ୍ୟାଙ୍କ ଓ ପୋଷ୍ଟ ଅଫିସ ଯାଇ ବିଭିନ୍ନ ତଥ୍ୟ ସଂଗ୍ରହ କରିଛନ୍ତି । ତେବେ ସରକାରଙ୍କ ନୂତନ ଶିକ୍ଷାନୀତି ଅନୁଯାୟୀ ରାଜକନିକା ବ୍ଲକର ଆରଏନ ହାଇସ୍କୁଲ, ଜୟନଗର ହାଇସ୍କୁଲ ଓ ଓଳାଭର ହାଇସ୍କୁଲରେ ଏହି ଭୋକେସନାଲ ପାଠ୍ୟକ୍ରମ ପ୍ରଚଳନ କରାଯାଇ ବିଭିନ୍ନ ଟ୍ରେଡ୍‌ରେ ଇଚ୍ଛୁକ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପସନ୍ଦ ମୁତାବକ ବୈଷୟିକ ତାଲିମ ଦେଇ ରୋଜଗାରକ୍ଷମ କରାଇବାକୁ ଚେଷ୍ଟା ଜାରି ରହିଛି । ନବମ ଓ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀଙ୍କୁ ସିଧା ସଳଖ ପାଠ୍ୟକ୍ରମ ଜରିଆରେ ସଶକ୍ତ କରା ଯାଉଥିବା ବେଳେ ୬ଷ୍ଠ ୭ମ ଓ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଏହି ପ୍ରି ଭୋକେସନାଲ ଏଜୁକେସନ ମାଧ୍ୟମରେ ବିଭିନ୍ନ ବ୍ୟବସ୍ଥା ପ୍ରତି ଆଗ୍ରହ ସୃଷ୍ଟି କରାଯାଇଛି ।



## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ




ରାଜନଗର, ୨୫ ।୧୧(ସମିସ): ରାଜନଗର ବ୍ଲକ ସାତଭାୟା ପଞ୍ଚାୟତ ବଗପାଟିଆ ଥଇଥାନ କଲୋନୀରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନା ଅଧୀନ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । କେନ୍ଦ୍ରାପଡ଼ା ଜଳ ନିଷ୍କାସନ ଡିଭିଜନ ଦ୍ୱାରା ଥଇଥାନ କଲୋନୀରେ କଂକ୍ରିଟ ନାଳ ନିର୍ମାଣ, ପଞ୍ଚାୟତ ପଡ଼ିଆ ଉନ୍ନତିକରଣ ଓ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କାର୍ଯ୍ୟ ପାଇଁ ରାଜନଗର ବିଧାୟକ ଧ୍ରୁବ ସାହୁ ଶୁଭ ଦେଇଛନ୍ତି । ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶଚନ୍ଦ୍ର ଗୁଡିଆ, ସ୍ଥାନୀୟ ସରପଞ୍ଚ ପ୍ରସନ୍ନ ପରିଡ଼ା, ସମିତି ସଭ୍ୟ କୌଶିକ ବେହେରା, ସରପଞ୍ଚ ନିରଞ୍ଜନ ରାଉତ, ଗୋଲେଖ ସ୍ୱାଇଁ, ଅଶୋକ ମହାନ୍ତି, ଚିତ୍ତରଞ୍ଜନ ପଣ୍ଡା, ଶାନ୍ତିଲତା ବିଶ୍ୱାଳ, ସମିତି ସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ମିନତୀ ସାହୁ, ତପନ ସାହୁ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ବିଜୟ ନାୟକ, ପ୍ରାକ୍ତନ ସରପଞ୍ଚ ଗିରୀଶ ନାୟକ, ଶ୍ରୀକାନ୍ତ ପ୍ରଧାନ, ଦିବାକର ରାଉତ, ଖଗେଶ୍ୱର ଲେଙ୍କା, ପ୍ରାକ୍ତନ ସମିତି ସଭ୍ୟ ନିରଞ୍ଜନ ସ୍ୱାଇଁ, ଦିବ୍ୟଲୋଚନ ରାଉତ, ନାରୀନେତ୍ରୀ ରଶ୍ମିରଞ୍ଜିତା ସ୍ୱାଇଁ, ବରିଷ୍ଠ ନେତା ଲକ୍ଷ୍ମୀଧର ବାରିକ, ସୁବାଷ ଦାସ, ନରହରି ଜେନା, ମନୋରଞ୍ଜନ ମଳିକ, ମଙ୍ଗୁଳି ଦାସ, କରୁଣାକର ସ୍ୱାଇଁ, ବଳରାମ ମଣ୍ଡଳ, ଘନଶ୍ୟାମ ବଳ, ପ୍ରଦୀପ ଲେଙ୍କା, ଯୁବନେତା ସରୋଜକାନ୍ତ ରାଉତ, ବିଜ୍ଞାନ ରଞ୍ଜନ ଜେନା, ଅକ୍ଷୟ ମାଝୀ, ସାଗର ପରିଡ଼ା, ସିଦ୍ଧେଶ୍ୱର ଚମ୍ପତିରାୟ, ରବୀନ୍ଦ୍ର ସିଂ, ସୁବାଷ ଜେନା, ହିମାଂଶୁ ପାଣି, ବସନ୍ତ ରାଉତ, ଛାତ୍ରନେତା ସମୀର ଜେନା, ଅଂଶୁମାନ ପରିଡ଼ା, ନିରଞ୍ଜନ ରାଉତ, ସୁଶାନ୍ତ ବେହେରା, ରାଜନଗର ବ୍ଲକ ଡ୍ରେନେଜ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଧୀରେନ୍ଦ୍ର ଜେଠି, ବ୍ଲକ କନିଷ୍ଠ ଯନ୍ତ୍ରୀ ଅଞ୍ଜନ ସ୍ୱାଇଁ, ରାଜେନ୍ଦ୍ର ନାରାୟଣ ମହାନ୍ତି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ରଞ୍ଜନ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ତୁଣ୍ଡୁପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସମ୍ବର୍ଦ୍ଧିତ

କେନ୍ଦ୍ରାପଡ଼ା, ୨୫।୧୧(ସମିସ): କେନ୍ଦ୍ରାପଡ଼ା ବ୍ଲକ ତୁଣ୍ଡପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୬ଷ୍ଠ ଶ୍ରେଣୀ ଛାତ୍ର ପ୍ରଦୀପ ମଲ୍ଲ ସମ୍ବର୍ଦ୍ଧିତ ହୋଇଛନ୍ତି । ବିଦ୍ୟାଳୟ ପରିସରରେ ଶିକ୍ଷକ- ଅଭିଭାବକ ଏବଂ ବିଦ୍ୟାଳୟ ପରିଚାଳନା ସମିତିର ଏକ ବୈଠକରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ନୀଳିମା ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ । ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ସୁରଭି-୨୦୨୩ରେ କନିଷ୍ଠ ବିଭାଗର କୁଇଜ ପ୍ରତିଯୋଗିତାରେ ପ୍ରଦୀପ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଏଥିପାଇଁ ପରିଚାଳନା ସମିତି ସଭାପତି ମାନସରଞ୍ଜନ ପ୍ରଧାନ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏଥିରେ ପରିଚାଳନା ସମିତିର ସଭ୍ୟସଭ୍ୟା, ବିଦ୍ୟାଳୟର ଶିକ୍ଷକ, ଶିକ୍ଷିକା ହରିରଞ୍ଜନ ପତି, ପ୍ରଜ୍ଞାପରମିତା ସାମଲ, ଅନିତା ବେହେରା, ଅର୍ପିତା ବେହେରା, ସୁଜାତା ପଲାଇ, ଅନୁପମା ବାରିକ, ବର୍ଷା ମହାନ୍ତି, କାଦମ୍ବିନୀ ଷଡଙ୍ଗୀ, ପ୍ରଭାତ କୁମାର ପରିଡ଼ା, ଅରୁଣ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।

## ଡିଏଫଓ ସମ୍ବର୍ଦ୍ଧିତ

କେନ୍ଦ୍ରାପଡ଼ା, ୨୫ ।୧୧(ସମିସ): କେନ୍ଦ୍ରାପଡ଼ା ପବ୍ଲିକ ରିଡିଂ ରୁମ୍‌ରେ ଗହିରମଥା କଇଁଛ ସୁରକ୍ଷା ସମିତିର ଏକ ସଭାରେ ଡିଏଫଓ ଶୁଭେନ୍ଦୁ ପ୍ରସାଦ ବେହେରା ସମ୍ବର୍ଦ୍ଧିତ ହୋଇଛନ୍ତି । ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ ଦାସ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଶ୍ରୀଧର ଭୋଳ, ପରିବେଶବିତ୍ ହେମନ୍ତ ରାଉତ, ରମଣୀ ରଞ୍ଜନ ରାଉତରାୟ, କରୁଣାକର ଦାସ, ପ୍ରଦୀପ ଦାଶ, ଆଦିକନ୍ଦ ରାଉଳ, ରାମକୃଷ୍ଣ ଦାଶ, ବରିଷ୍ଠ ସାମ୍ବାଦିକ କେଶବ ନାଥ, ଅଶୋକ ସ୍ୱାଇଁ, ଆଶିଷ ସେନାପତି, ବିରଞ୍ଚି ଦାସ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଜୟ ପାତ୍ର, ଚାରୁଲତା ଭୂୟାଁ, ଅନୁସୂୟା ସାମଲ, ତପସ୍ୱିନୀ ପଟ୍ଟନାୟକ, ପ୍ରଫୁଲ୍ଲ ଦାସ, ଶରତ ରାଉତ, ନୃସିଂହ ଚରଣ ତ୍ରିପାଠୀ, ଗୋଲକ ସେଠୀ ପ୍ରମୁଖ ଯୋଗ ଦେଇଥିଲେ । କଳ୍ପତରୁ ସାମଲ ପରିଚୟ ପ୍ରଦାନ କରିଥିଲାବେଳେ ବିରଞ୍ଚି ନାରାୟଣ ଦାସ ଧନ୍ୟବାଦ ଦେଇଥିଲେ ।




## ବାତରା ଗଛର ଚେର ସଂଗ୍ରହ ବେଳେ ୩ ଗିରଫ

ରାଜନଗର, ୨୫ ।୧୧(ସମିସ): ଭିତରକନିକା ଜାତୀୟ ଉଦ୍ୟାନ ଅଧୀନ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରୁ ବାତରା ଗଛର ଚେର କାଟି ନେଉଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ୩ ଜଣଙ୍କୁ ଧରିଛି । କନିକା ରେଞ୍ଜ ଅଫିସର ମାନସ ଦାସଙ୍କ ନେତୃତ୍ୱରେ ବନ କର୍ମଚାରୀ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ ସୁବଳଡିଆ ଜଙ୍ଗଲ ମଧ୍ୟରୁ ଈଶ୍ୱରପୁର ପଞ୍ଚାୟତ ରିଘାଗଡ଼ ଗାଁର ରବୀନ୍ଦ୍ର ମଣ୍ଡଳ, ଦୀପକ ମଣ୍ଡଳ, ପପୁ ସେଠିଙ୍କୁ ଧରିଥିଲେ । ଏମାନେ ଭିତରକନିକା ଜଙ୍ଗଲର ସୁବଳଡିଆ ଜଙ୍ଗଲରୁ ବାତରା ଗଛର ଚେର ସଂଗ୍ରହ କରି ଆସୁଥିବା ସମୟରେ ବନ ବିଭାଗ ପେଟ୍ରୋଲିଂ ଟିମ୍ କାବୁ କରିନେଇଥିଲା । ରାତି ପ୍ରାୟ ସାଢେ ୩ଟା ବେଳେ ବନ ବିଭାଗ କର୍ମଚାରୀ ଏହି ୩ ଜଣଙ୍କୁ ଗିରଫ କର ସେମାନଙ୍କଠୁ ୩ଟି ବସ୍ତାରେ ଥିବା ଏକ କୁଇଣ୍ଟାଲ ୨୦କେଜି ବତରା ଗଛର ଚେର ଜବତ କରିଥିଲା । ବାତରା ଗଛର ଚେରରେ ଏମାନେ ଅତର ସ୍ପ୍ରେ କରି ତାହାକୁ ଚନ୍ଦନ କାଠ କହି ବଜାରରେ ବିକ୍ରି କରିଥାନ୍ତି । ଏହି ଚଢ଼ଉରେ ଦୀପ୍ତି ରଞ୍ଜନ ପାଲ, ବନରକ୍ଷୀ ପ୍ରଦୋଷ ମହାପାତ୍ର, ସନ୍ଧ୍ୟାରାଣୀ ମଲ୍ଲିକ ପ୍ରମୁଖ ସାମିଲ ଥିଲେ ।



## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ




ରାଜନଗର, ୨୫ ।୧୧(ସମିସ): ରାଜନଗର ବ୍ଲକ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନ ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ ମିଶ୍ର, ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, ପଣ୍ଡିତ କୃଷ୍ଣଚନ୍ଦ୍ର ଷଡଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଯୁବକ ଯୁବତୀଙ୍କ ବିକାଶ ଓ ଦକ୍ଷତା ଚୟନ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଜନାକୁ ଭୂୟସୀ ପ୍ରଶଂସା କରିଥିଲେ । ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କାଙ୍କ ଏଥିରେ ସଭାପତିତ୍ୱ କରିଥିଲେ । ଅଧ୍ୟାପକ ପ୍ରଦୀପ ପାଲ ଅଟିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଭଗବତୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ହବିଷ୍ୟାଳିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

କେନ୍ଦ୍ରାପଡ଼ା, ୨୫।୧୧(ସମିସ): ଦିବ୍ୟଜୀବନ ସଙ୍ଘ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପକ୍ଷରୁ ଇଚ୍ଛାପୁରସ୍ଥିତ ତୁଳସୀକ୍ଷେତ୍ରରେ ଶତାଧିକ ହବିଷ୍ୟାଳିଙ୍କୁ ରଖାଯାଇ ହବିଷ୍ୟ କରିବାର ବ୍ୟବସ୍ଥା କରାଯାଇଛି । ହବିଷ୍ୟାଳିମାନେ ଅବସ୍ଥାନ କରୁଥିବା ଇଚ୍ଛାପୁର ଯାତ୍ରୀନିବାସରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଔଷଧପତ୍ର ଯୋଗାଇ ଦିଆଯାଇଛି । ଶ୍ରୀମା'ଙ୍କ ଅନୁରୋଧ କ୍ରମେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅନିତା ପଟ୍ଟନାୟକ ଏହି ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଆବଶ୍ୟକ ଚିକିତ୍ସକ ଓ କର୍ମଚାରୀଙ୍କୁ ପଠାଇଥିଲେ । ସେମାନେ ଯାତ୍ରୀନିବାସରେ ପହଞ୍ଚି ହବିଷ୍ୟାଳିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ପରାମର୍ଶ ଦେଇଥିଲେ । ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ଡାକ୍ତର ଚିନ୍ମୟ ଦାସ, ଫାର୍ମାସିଷ୍ଟ ପ୍ରିୟଦର୍ଶୀ ପରିଡ଼ା, ସ୍ନେହାଞ୍ଜଳି ଗେରୁ, ଦ୍ରୌପଦୀ ରାଉତ, ରିତାଞ୍ଜଳି ନାଥ, ରଶ୍ମିତା ସାମଲ, ମିନତୀ ନାୟକ, ଉର୍ମିଳା ପତି, ସୁବାଶିଷ ମହାପାତ୍ର, ବଳଦେବ ସେନାର ପୁପୁନ ସ୍ୱାଇଁ, ବ୍ରହ୍ମଚାରୀ ନୃସିଂହନାଥ ଦାସ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ପ୍ରଧାନଶିକ୍ଷକ ବଂଶୀଧର ସାହୁଙ୍କ ସ୍ମୃତିଚାରଣ

କେନ୍ଦ୍ରାପଡ଼ା, ୨୫ ।୧୧(ସମିସ):ବେଣୀପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଂଶୀଧର ସାହୁଙ୍କ ଏକଦଶାହ ତିଥିରେ ତାଙ୍କ ସ୍ମୃତିଚାରଣ କରାଯାଇଛି । ପୂର୍ବତନ ପ୍ରଧାନ ଶିକ୍ଷକ ଉମାକାନ୍ତ ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତି ସଭାରେ ଡକ୍ଟର ଭାଗ୍ୟଧର ସାହୁ, ଡକ୍ଟର ହରିଶ ଚନ୍ଦ୍ର ପୃଷ୍ଟି, କିଶୋର ଦାସ, ସୁରେଶ ନାୟକ, ସୁରେନ୍ଦ୍ର ମୋହନ ମହାପାତ୍ର, ଗଙ୍ଗାଧର ମହାନ୍ତି, ବିଷ୍ଣୁଚରଣ ପ୍ରଧାନ, ରବୀନ୍ଦ୍ର କୁମାର ସାମଲ, ପ୍ରସନ୍ନ ଶତପଥୀ, ସତ୍ୟାନନ୍ଦ ଜେନା, ନଟବର ସାମଲ, ଧରଣୀଧର ପ୍ରଧାନ, ରମେଶଚନ୍ଦ୍ର ଲେଙ୍କା ଓ ରାଧାକାନ୍ତ ସ୍ୱାଇଁ, ନବକିଶୋର ବାରିକ ପ୍ରମୁଖ ଶ୍ରଦ୍ଧାର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରୁଦ୍ର ପ୍ରସନ୍ନ ସାମଲ, ଧନଞ୍ଜୟ ତ୍ରିପାଠୀ, ଚିତ୍ତରଞ୍ଜନ ସାମଲ, ନରେନ୍ଦ୍ର ନାଥ ଓଝା, ସତ୍ୟବ୍ରତ ପୁହାଣ, ପ୍ରକାଶ କୁମାର ଦାଶ, ବିରୂପାକ୍ଷ ତ୍ରିପାଠୀ ପ୍ରମୁଖ ଏହି ସ୍ମୃତିଚାରଣ ସଭାରେ ଯୋଗଦେଇ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରଭାତ ନନ୍ଦ ବେଦପାଠ କରିଥିଲେ । ଜୟରାମ ସାହୁ, ସୁବାସ ସାହୁ ଓ ଶରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



## ଅସହାୟ ଦେବକୀଙ୍କୁ ଭରସା ମିଳିଲା



ରାଜକନିକା, ୨୫ ।୧୧(ସମିସ): ରାଜକନିକା ବ୍ଲକ ତରାସ ପଞ୍ଚାୟତ ଗୁଆଳିଗାଁର ଅସହାୟ ବୃଦ୍ଧା ଦେବକୀ ନାୟକ ନେତାଜୀ କ୍ଲବ୍ ଭରସା ଦେଇଛି । ତୁରନ୍ତ ତାଙ୍କ ଲାଗି ଏକ ଆଜବେଷ୍ଟସ ଘର କରିଦେବ ବୋଲି ପ୍ରତିଶ୍ରୁତି ଦେଇଛି । ୨୦୧୭ରେ ଆବାସ ଯୋଜନାରେ ଘର ନିର୍ମାଣ ଲାଗି ତାଙ୍କ ନାଁ ଆସିଥିଲା; ହେଲେ ତାଙ୍କୁ ଏହାର ଲାଭ ମିଳିନି । ଅନ୍ୟପକ୍ଷେ ତାଙ୍କୁ ମିଳୁଥିବା ୭୦୦ ଟଙ୍କାର ମାସିକ ଭତ୍ତା ମଧ ମିଳୁନି । ଏ ନେଇ କ୍ଲବ୍ ପ୍ରଶାସନକୁ ଜଣାଇବ ବୋଲି ତାଙ୍କୁ କଥା ଦେଇଛି । ତେବେ ୮୫ ବର୍ଷୀୟା ଅସହାୟ ଦେବକୀ ଭତ୍ତାରୁ ସଞ୍ଚୟ କରିଥିବା ୨୫ ହଜାର ଟଙ୍କା ସେପ୍ଟେମ୍ବର ୧୫ ତାରିଖରେ ଶ୍ରୀମନ୍ଦିର ଯାଇ ଜଗନ୍ନାଥଙ୍କ ନୀତି ପାଇଁ ଦାନ କରିଥିଲେ । ତାଙ୍କର ପିଲାଛୁଆ ନ ଥିବା ବେଳେ ସ୍ୱାମୀ ୪୫ ବର୍ଷ ହେଲା ଆରପାରିକୁ ଗଲେଣି ।

## ଆଦର୍ଶ ଶିକ୍ଷକଙ୍କ ବିୟୋଗରେ ଶୋକ

ଗୋବିନ୍ଦପୁର, ୨୫ ।୧୧(ସମିସ): ସ୍ଥାନୀୟ ହାଟସାହି ଗ୍ରାମର ପ୍ରାକ୍ତନ ପ୍ରଧାନଶିକ୍ଷକ କେଶବ ଚରଣ ନାୟକ (୭୫)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି । ତାଙ୍କ ମରଶରୀର ଯାଜପୁରରୁ ଗାଁକୁ ଯିବାବାଟରେ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ । ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ, ବିଞ୍ଝାରପୁର ନାଗରିକ ମଞ୍ଚର ସଭାପତି ରବୀନ୍ଦ୍ର ଧଳ, କବି ନେତ୍ରା ନନ୍ଦ ଦାସ, ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ଶିକ୍ଷକ ନେତା ବଟକୃଷ୍ଣ ପଣ୍ଡା, ପ୍ରାକ୍ତନ ପ୍ରଧାନଶିକ୍ଷକ ସରୋଜ ମଲ୍ଲିକ, ରାଜକନିକା ଓଷ୍ଟା ସଭାପତି ସଞ୍ଜୟ ସାମଲ, ଶିକ୍ଷକ ନିରଞ୍ଜନ ବେହେରା, ଅରବିନ୍ଦ ନାୟକ, ଦିଲୀପ ରାଉତ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି ।

## ଅସହାୟ ପରିବାରକୁ ସିଲେଇ ମେସିନ ପ୍ରଦାନ

ରାଜକନିକା, ୨୫ ।୧୧(ସମିସ): ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଏଣ୍ଡୁଳାପୁର ଗାଁର ସ୍ୱର୍ଗତ ପୁରୁଷୋତ୍ତମ ମହାନ୍ତିଙ୍କ ଅସହାୟ ପରିବାରକୁ ରାଜକନିକା ସତ୍ୟ ସାଇ ଭଜନ ମଣ୍ଡଳୀ ତରଫରୁ ବାବାଙ୍କ ଜନ୍ମଦିନରେ ସହାୟତା ପ୍ରଦାନ କରାଯାଇଛି । ରାଜକନିକା ଏଣ୍ଡୁଳାପୁର ଗାଁର ଦିନମଜୁରିଆ ଶ୍ରେଣୀର ପୁରୁଷୋତ୍ତମ ରେଳ ଦୁର୍ଘଟଣା ଦିନ ସେହି ଟ୍ରେନରେ କୋଲକାତା ଯାଉଥିବା ବାଟରେ ଦୁର୍ଘଟଣାର ଶିକାର ହୋଇଥିଲେ । ୪ମାସ ପରେ ଶବ ଚିହ୍ନଟ ହୋଇଥିଲା । ଏଭଳି ଏକ ଦୁର୍ଦ୍ଦିନରେ ପୁରୁଷୋତ୍ତମଙ୍କ ପତ୍ନୀ ଗୌରୀ, ଝିଅ ପ୍ରୀତିଲତା ଓ ପୁଅ ପ୍ରମୋଦ ସମ୍ପୂର୍ଣ୍ଣ ଅସହାୟ ହୋଇ ପଡ଼ିଛନ୍ତି । ତେବେ ରାଜକନିକା ସତ୍ୟସାଇ ଭଜନ ମଣ୍ଡଳୀ ସାଇବାବାଙ୍କ ଜନ୍ମଦିନରେ ପୁରୁଷୋତ୍ତମଙ୍କ ବାପା ଭାବଗ୍ରାହୀଙ୍କୁ ଡକାଇ ଏହି ପରିବାରକୁ ଏକ ସିଲେଇ ମେସିନ ପ୍ରଦାନ କରିଛନ୍ତି । ଏହା ସହ କମ୍ବଳ, ଲୁଗାପଟା, ଚାଉଳ, ଡାଲି, ସୁଜି, ଚୁଡା, ତେଲ ସହ ଅନ୍ୟାନ୍ୟ ରାସନ ସାମଗ୍ରୀ ଯୋଗାଇ ଦେଇଛନ୍ତି । ପ୍ରମୋଦ ଆଇଟିଆଇ ପଢୁଥିବାରୁ ତାଙ୍କ ପାଠପଢ଼ା ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ରାଜକନିକା ସାଇ ମନ୍ଦିରରେ ସତ୍ୟସାଇ ସଂଗଠନର ଜିଲ୍ଲା ସଭାପତି ଉମେଶ ଚନ୍ଦ୍ର ନାୟକ, ଆଳି ସମିତିର ଆବାହକ ବାମନ ଚରଣ ବେହେରା ରାଜକନିକା ଭଜନ ମଣ୍ଡଳୀର ଆବାହକ ଗୋଲେଖ ଚନ୍ଦ୍ର ଧଳଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମନ୍ଦିରର ବରିଷ୍ଠ ସଦସ୍ୟ ପଦ୍ମଲୋଚନ ବେହେରା, ବିପିନ ବିହାରୀ ରାଉତ, ମଦନ ମୋହନ ବିଶ୍ୱାଳ, କପିଳ ମିଶ୍ର, ମୁରଲୀ ନାୟକ, ଅଜୟ କୁଣ୍ଡ, ପ୍ରଦୀପ ଦାସ, ଭାଗବତ ସାହୁ, ଶରତ ଓଝା, ହେମଲତା ରାଉତ, ସାବିତ୍ରୀ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।



## ଆଜିଠୁ କଳିଙ୍ଗ ବାଲିଯାତ୍ରା; କମ୍ପିବ ବିଜୁ ମଇଦାନ

**ପାରାଦୀପ, ୨୫।୧୧(ସମିସ):** ରବିବାରଠାରୁ ପାରାଦୀପ କଳିଙ୍ଗ ବାଲିଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ୮ ଦିନ ପାରାଦୀପର ବିଜୁ ମଇଦାନ କମ୍ପି ଉଠିବ। ସମୁଦ୍ର କୂଳ ଆଡକୁ ଏଥର ଅଧିକ ସଂଖ୍ୟକ ଷ୍ଟଲ ଖୋଲାଯାଇଛି। ୨୦ଟି ନଳକୂପ ଖୋଳା ହୋଇଛି। ମହିଳାଙ୍କ ପାଇଁ ଏକ ବସ୍ ଶୌଚାଳୟ ବ୍ୟବସ୍ଥା ହୋଇଛି। ଏହାକୁ ଛାଡି ସେଠାରେ ଏକ ଗୋଷ୍ଠୀ ଶୌଚାଳୟ ମଧ୍ୟ ରହିଛି। ଚଳିତ ବର୍ଷ ଗାଡି ପାର୍କିଂ ଟେଣ୍ଡର ମାଧ୍ୟମରେ ସ୍ଥିର ହୋଇଛି।

## ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପୁଲିସ ତତ୍ପର

**ପାରାଦୀପ, ୨୫।୧୧(ସମିସ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାରାଦୀପ ଗସ୍ତକୁ ନେଇ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ ପାରାଦୀପରେ ପହଞ୍ଚିଛନ୍ତି। ସେ ବିଭିନ୍ନ ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସେହିଭଳି ବିଭିନ୍ନ ଅଫିସରଙ୍କୁ ଦାୟିତ୍ୱ ଦେଇଛନ୍ତି। ସୂଚନାଯୋଗ୍ୟ, ୨୭ ତାରିଖରେ ପାରାଦୀପ ବୋଇତ ବନ୍ଦାଣ ଉତ୍ସବରେ ରାଷ୍ଟ୍ରପତି ଯୋଗଦେବେ। ଏଥିପାଇଁ ୫ ଜଣ ଏସ୍‌ପି, ୧୩ ଜଣ ଡିଏସ୍‌ପିଙ୍କ ସହ ୩୦ ପ୍ଲାଟୁନ ଫୋର୍ସ ମୁତୟନ ରହିବେ।

## ଚୋରା ମଦ କାରବାରରେ ଜଣେ ଗିରଫ

**ମାର୍ଶାଘାଇ, ୨୫।୧୧(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅଙ୍ଗୁଳାଇ-ଓରତ ରାସ୍ତାର ଅରଖିଆ ନିକଟରୁ ପୁଲିସ ଚୋରାମଦ ଚାଲାଣ ବେଳେ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଉଛି କନ୍ଦ୍ରାପଡ଼ା ଟାଉନ ଥାନା ମଢିଆଳବଜାର ରଞ୍ଜନ କୁମାର ନାୟକ (୨୩)। ସେ ବ୍ୟବହାର କରୁଥିବା ବାଇକ୍ ସହ ପୁଲିସ ବ୍ୟାପକ ମଦ ଜବତ କରିଛି।

## କୋଲ୍‌କାତାରେ ଓଡ଼ିଆ ବ୍ୟବସାୟୀଙ୍କ ମୃତ୍ୟୁ

**ପଞ୍ଚୁପାଣ୍ଡବ, ୨୫।୧୧(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତ ସଦାନନ୍ଦପୁର ଗ୍ରାମର ପ୍ରଦ୍ୟୁମ୍ନ ଘଡ଼ାଇ (୫୦)ଙ୍କ କଲିକତାରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଗାଁରେ ମୃତଦେହ ପହଞ୍ଚିବା ପରେ ସଂସ୍କାର କରାଯାଇଛି। ଦୀର୍ଘ ବର୍ଷ ଧରି ସେ କଲିକତାରେ ଜଳଖିଆ ଦୋକାନ ଦେଇଥିଲେ। ସାନଭାଇ ପ୍ରଭାକର ଘଡ଼େଇ ମୁଖାଗ୍ନି ଦେଇଥିଲେ। ଏହି ଘଟଣା ପରେ ତାଙ୍କ ସ୍ତ୍ରୀ, ୨ ଝିଅ ଓ ଗୋଟିଏ ପୁଅ ଭାଙ୍ଗି ପଡ଼ିଛି।

## ଯୁବକଙ୍କ ଧକ୍କାରେ ମହିଳା ମୃତ

**ଆଳି, ୨୫।୧୧(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଧୀନ ଶୋରିଷଦା ଗାଁରେ ଜଣେ ଯୁବକଙ୍କ ଧକ୍କାରେ ପଡୋଶୀ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ସନ୍ଧ୍ୟାରାଣୀ ଶର୍ମା। ଘଟଣା ଅନୁସାରେ, ତାପସ ଶର୍ମା ଅଳ୍ପଦିନ ହେବ ଏକ ବାଇକ୍ ଆଣିଛନ୍ତି। ପଡୋଶୀ ସୁଧୀର ଶର୍ମା ବାରମ୍ବାର ତାଙ୍କ ଗାଡି ନେଉଥିଲେ। ଏହା ଭିତରେ ସୁଧୀର ଗାଡି ମାଗିବାରୁ ତାପସ ଆଉ ଦେବାକୁ ମନା କରିଥିଲେ। ସୁଧୀର ଏଥିରେ ରାଗିଯାଇ ତାପସଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହା ଦେଖି ତାପସଙ୍କ ମା' ସନ୍ଧ୍ୟାରାଣୀ ପ୍ରତିରୋଧ କରିଥିଲେ। ସୁଧୀର ଉତକ୍ଷିପ୍ତ ହୋଇ ସନ୍ଧ୍ୟାରାଣୀଙ୍କୁ ଏକ ଶକ୍ତ ଧକ୍କା ଦେଇଥିଲେ। ଏହା ଫଳରେ ସନ୍ଧ୍ୟାରାଣୀ ନିକଟରେ ଥିବା ଏକ ନଡ଼ିଆ ଗଛରେ ପିଟି ହୋଇ ତଳେ ପଡ଼ି ଯାଇଥିଲେ। ପଡୋଶୀ ତାଙ୍କୁ ପଟ୍ଟାମୁଣ୍ଡାଇ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର କିନ୍ତୁ ତାଙ୍କୁ ଘୋଷଣା କରିଥିଲେ। ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହିତ ଅଭିଯୁକ୍ତ ସୁଧୀରକୁ ଗିରଫ କରିଛି।

## ଘରୋଇ ବସ୍ ଇଞ୍ଜିନରୁ ଧୂଆଁ

**ବିରିଡି, ୨୫।୧୧(ସମିସ):** ଅଣାଖିଆଠାରେ କଟକ ଅଭିମୁଖେ ଯାଉଥିବା ଘରୋଇ ବସ୍ ଅମ୍ବିକାର ଇଂଜିନରେ ଶନିବାର ହଠାତ ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା। ଏହା ଫଳରେ ଇଂଜିନରୁ ପ୍ରବଳ ଧୂଆଁ ବାହାରିଥିଲା। ଚାଳକ, ହେଲପର, କଣ୍ଡକ୍ଟର, ଯାତ୍ରୀ ସମସ୍ତେ ଭୟଭୀତ ହୋଇ ଓହ୍ଲାଇ ଦୌଡିବାକୁ ଲାଗିଥିଲେ। ତେବେ ଧୂଆଁ ଆୟତ୍ତ କରିବାକୁ ଯାଇ ଗାଡିଚାଳକ ପାଣି ଢାଳିଥିଲେ। ଏହାଦ୍ୱାରା କେତେକ ଯାତ୍ରୀଙ୍କ ଦେହରେ ଗରମ ପାଣି ପଡ଼ି ଫୋଟକା ହୋଇଥିଲା। ସେମାନଙ୍କୁ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଡକାଇ ଜଗତସିଂହପୁର ମେଡିକାଲକୁ ପଠାଇଥିଲେ।

## ବାଇକ୍ ଚୋରକୁ ଧରି ପୁଲିସ ଜିମାଦେଲେ ଯୁବକ

**କୁଜଙ୍ଗ, ୨୫।୧୧(ସମିସ):** କୁଜଙ୍ଗ ବ୍ଲକ ସାଇଲୋ ପଞ୍ଚାୟତ ରାହାମା ଅଞ୍ଚଳର ଜଗନ୍ନାଥ ସାହୁଙ୍କ ବାଇକ୍ ଚୋରି ହୋଇଛି। ତାଙ୍କ ଅଭିଯୋଗ ସତ୍ତ୍ୱେ ପୁଲିସ କୌଣସି ପଦକ୍ଷେପ ନେଲା ନାହିଁ। ଶେଷରେ ସେ ବାଇକ୍ ଚୋରକୁ ଧରି ପୁଲିସ ଜିମା ଦେଇଛନ୍ତି। ଅଭିଯୁକ୍ତ ବାଇକ୍ ଚୋରି କରିଥିବା ସ୍ୱୀକାର କରିଛି କବାଡିଆରେ ବିକି ଦେଇଥିବା କହିଛି।

## ଛାତିଯନ୍ତ୍ରଣାରେ ମହିଳାଙ୍କ ମୃତ୍ୟୁ



**ବାଲିକୁଦା, ୨୫।୧୧(ସମିସ):** ଅଳାବୋଳା ପଞ୍ଚାୟତ ଜଇନାବାଦର ଶିକ୍ଷକ ଶ୍ୱେତ ସ୍ୱାଇଁଙ୍କ ସ୍ତ୍ରୀ ସଂଯୁକ୍ତା ସ୍ୱାଇଁ (୫୫)ଙ୍କ ମୃତ୍ୟୁ ଘଟିଛି। ଶନିବାର ହଠାତ୍ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେବା ବାଟରେ ସେ ଆଖି ବୁଜିଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ସୌମ୍ୟରଞ୍ଜନ ମୁଖାଗ୍ନି ଦେଇଥିଲେ।

## ବାଇଶିପାହାଚରେ ପଡ଼ି ବୋଝିଆ ଗୁରୁତର

**ପୁରୀ, ୨୫।୧୧(ସମିସ):** ଶ୍ରୀମନ୍ଦିରରେ ଘଟିଛି ଅଘଟଣ। ଭୋଗ ବୋହୁଥିବା ବେଳେ ବାଇଶିପାହାଚରେ ପଡ଼ି ଜଣେ ବୋଝିଆ ଗୁରୁତର ହୋଇଛନ୍ତି। ସେ ହେଲେ ପୁରୀ ସଦର ବ୍ଲକ କଣ୍ଟପୁର ଗ୍ରାମର ଜମ୍ବେଶ୍ୱର (ମୂଷା) ବରାଳ। ତାଙ୍କ ବେକ ଓ ଅଣ୍ଟାରେ ଆଘାତ ଲାଗିଥିବା ବେଳେ ଦେହର ବିଭିନ୍ନ ସ୍ଥାନରେ ଫୋଟକା ହୋଇଯାଇଛି। ତେବେ ଏହି ଦୁର୍ଘଟଣା ପରେ ସେଠାରେ ଉପସ୍ଥିତ ଅନ୍ୟ ବୋଝିଆ ଏବଂ ପୁଲିସ ତାଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା।

### ଶ୍ରୀକୃଷ୍ଣ ଏକାଡେମୀର ପ୍ଲାଟିନମ୍ ଜୁବୁଲି ସମାରୋହ

# 'ସରକାରୀ ବିଦ୍ୟାଳୟ କୌଣସି କ୍ଷେତ୍ରରେ କମ୍ ନୁହଁ'

**ଜଗତସିଂହପୁର, ୨୫।୧୧(ସମିସ):**




- ଚରିତ୍ର ଗଠନ ହିଁ ଶିକ୍ଷାର ବଡ଼ ଉଦ୍ଦେଶ୍ୟ
- ସଫଳତା ପାଇବାକୁ ବଡ଼ ବଡ଼ ସ୍ୱପ୍ନ ଦେଖିବା ଆବଶ୍ୟକ
- ପିଲାଙ୍କୁ ଅନାବଶ୍ୟକ ଦଣ୍ଡ, ନିରୁତ୍ସାହିତ ନ କରିବା ଆବଶ୍ୟକ
- ଶୃଙ୍ଖଳା ହେଉଛି ସବୁଠାରୁ ବଡ଼ ଜ୍ଞାନ

ଜଗତସିଂହପୁର ସହରର ସର୍ବ ପୁରାତନ ସୁନାମଧନ୍ୟ ବିଦ୍ୟାଳୟ ଶ୍ରୀକୃଷ୍ଣ ଏକାଡେମୀର ପ୍ଲାଟିନମ ଜୁବୁଲି ସମାରୋହ ଶନିବାର ଅପରାହ୍ଣରେ ଆରମ୍ଭ ହୋଇଛି। ଅନୁଷ୍ଠିତ ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ଉଚ୍ଚ ଶିକ୍ଷା ବିଭାଗର ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗ ଦେଇଥିଲେ। ନିଜ ବକ୍ତବ୍ୟରେ ସେ ସରକାରୀ ବିଦ୍ୟାଳୟ କୌଣସି କ୍ଷେତ୍ରରେ କମ୍ ନୁହଁ। ସରକାରୀ ବିଦ୍ୟାଳୟରୁ ବହୁ ସଫଳ ଛାତ୍ର ବାହାରି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରିଛନ୍ତି; ହେଲେ ଛାତ୍ରୀଛାତ୍ରୀ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଛି। ଏହାକୁ ନେଇ ଚିନ୍ତା କରିବାର ସମୟ ଆସିଛି ବୋଲି ସେ କହିଥିଲେ। ସେହିଭଳି ଜଗତସିଂହପୁର ଜିଲ୍ଲାରେ ଶ୍ରୀକୃଷ୍ଣ ଏକାଡେମୀ ଶିକ୍ଷା କ୍ଷେତ୍ରରେ ଏକ ଅଲୋକ ବର୍ତ୍ତିକା ବୋଲି ପ୍ରକାଶ କରିଛନ୍ତି।

ଉଦ୍‌ଘାଟକ ଭାବେ ଅବସରପ୍ରାପ୍ତ ସେନା ଅଧିକାରୀ ଚଣ୍ଡି ପ୍ରସାଦ ମହାନ୍ତି ଯୋଗଦେଇ ଚରିତ୍ର ଗଠନ ହିଁ ଶିକ୍ଷାର ବଡ଼ ଉଦ୍ଦେଶ୍ୟ ବୋଲି କହିଛନ୍ତି। ଜୀବନରେ ସଫଳତା ପାଇବାକୁ ବଡ଼ ବଡ଼ ସ୍ୱପ୍ନ ଦେଖିବା ନିହାତି ଆବଶ୍ୟକ ବୋଲି ସେ କହିଥିଲେ। ସ୍କୁଲରେ ପିଲାକୁ ଅନାବଶ୍ୟକ ଦଣ୍ଡ ଦେବା ଓ ନିରୁତ୍ସାହିତ ନ କରିବାକୁ ସେ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରମାନେ ଶିକ୍ଷକ ଓ ବାପା, ମା'ଙ୍କୁ ସମ୍ମାନ ଦେଲେ ବଡ଼ ମଣିଷ ହୋଇପାରିବେ ବୋଲି ପ୍ରକାଶ କରିଥିଲେ।

ଏଥିରେ ମୁଖ୍ୟବକ୍ତା ଭାବେ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଯୋଗଦେଇ କହିଲେ ଯେ, ଶୃଙ୍ଖଳା ହେଉଛି ସବୁଠାରୁ ବଡ଼ ଜ୍ଞାନ। ଶୃଙ୍ଖଳା ହିଁ ଜୀବନରେ ସଫଳତା ଦେଇଥାଏ।

ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ଯୋଗଦେଇ ଭଲ ମଣିଷ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ନାଇଜର କୁଳସଚିବ ଡକ୍ଟର ଅଭୟ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଜଗତସିଂହପୁର ସାଂସଦ ଡ. ରାଜଶ୍ରୀ ମଲ୍ଲିକ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଭାତ ରାଉଳ, କଟକ ଦକ୍ଷିଣ ମଣ୍ଡଳର ଡାକ ଅଧୀକ୍ଷକ ଗଜେନ୍ଦ୍ର କର ପ୍ରମୁଖ ଯୋଗ ଦେଇଥିଲେ।

ପୂର୍ବାହ୍ଣରେ ମା'ଶାରଳାଙ୍କ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇ ସ୍ଥାପନ କରାଯିବା ପରେ ବିଦ୍ୟାଳୟର ଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ ଓ ପୁରାତନ ଛାତ୍ରମାନଙ୍କ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଅପରାହ୍ଣରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି, ପ୍ଲାଟିନମ୍ ଜୁବୁଲି ସ୍ମାରକୀ ସହ ଉତ୍ସବ ଉଦ୍‌ଘାଟିତ ହୋଇଥିଲା। ଅନୁଷ୍ଠାନର ମୁଖପତ୍ର ଅଳକା ଓ ବିଦ୍ୟାଳୟର ସ୍ୱତନ୍ତ୍ର ଡାକ ସ୍ମାରକୀ ଲଫାପକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପୁରାତନ ଛାତ୍ର ଔପନ୍ୟାସିକ ଭାଗିରଥୀ ଦାସ, କ୍ରୀଡ଼ାବିତ୍ ଗଗନେନ୍ଦୁ ଦାସ, ପ୍ରଶାସକ କୃଷ୍ଣଚନ୍ଦ୍ର ବଡୁ, ଡାକ୍ତର ନିରଞ୍ଜନ ରାଉତ, ଡାକ୍ତର ଅମ୍ବିକା ପ୍ରସାଦ ମହାନ୍ତି, ଡାକ୍ତର ପ୍ରତିମା ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ବିପ୍ଳବ ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଧାନ ଶିକ୍ଷକ ଶୁକଦେବ ସାହୁ ବିବରଣୀ ପାଠ କରିଥିଲେ। ନଟବର ବାରିକ, ଦୀପ୍ତି ଦାସ, ପ୍ରଣବ ଦେ, ରାଧାକାନ୍ତ ମିଶ୍ର, ଅଇନଜୀବୀ ସଲିଲ ଘୋଷ, ବିଜୟ ରାଉତ, ଗଣେଶ୍ୱର ମାଣିଆ, ରାଇଚରଣ ତ୍ରିପାଠୀ, ଦୀପ୍ତି ମହାନ୍ତି, ପ୍ରତାପ ସିଂହ, ଲୋକନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## କେନ୍ଦ୍ରାପଡ଼ା କଲେଜ ଅଧ୍ୟକ୍ଷ ନିଯୁକ୍ତି ଉପରେ ସ୍ଥଗିତାଦେଶ

**କେନ୍ଦ୍ରାପଡ଼ା, ୨୫।୧୧(ସମିସ):** କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗର ଅଧ୍ୟକ୍ଷ ନିଯୁକ୍ତି ଉପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପକ୍ଷରୁ ସ୍ଥଗିତାଦେଶ ଜାରି କରାଯାଇଛି। ଆସନ୍ତା ୩୦ରେ ଅଧ୍ୟକ୍ଷ ଗୋପାଳଚନ୍ଦ୍ର ବେହେରା ଅବସରଗ୍ରହଣ କରୁଛନ୍ତି। ଡିସେମ୍ବର ୧ରୁ ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ରିଡର ଡ. ଜ୍ଞାନୀନ୍ଦ୍ର ଦାଶଙ୍କୁ ଅଧ୍ୟକ୍ଷ ଭାବେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନଭେମ୍ବର ୯ରେ (ନିର୍ଦ୍ଦେଶ ନଂ- ୪୯୦୫୩)ରେ ନିଯୁକ୍ତି ପ୍ରଦାନ କରାଯାଇଛି। କଲେଜ ପରିଚାଳନା ପରିଷଦ ସଭାପତିଙ୍କ ସୁପାରିଶ କ୍ରମେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହି ନିଯୁକ୍ତି ପ୍ରଦାନ କରାଯାଇଥିଲା। ଉଚ୍ଚଶିକ୍ଷା ବିଭାଗର ଏହି ନିର୍ଦ୍ଦେଶନାମାକୁ ମହାବିଦ୍ୟାଳୟ ଗଣିତ ବିଭାଗ ମୁଖ୍ୟ ଅଶୋକ ମିଶ୍ର ଚ୍ୟାଲେଞ୍ଜ କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ଶ୍ରୀ ମିଶ୍ର ଦର୍ଶାଇଥିଲେ ଯେ, ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିବା ଡ. ଦାଶ ନିକିରାଇସ୍ଥିତ ବୀର ହନୁମାନଜୀଉ ମହାବିଦ୍ୟାଳୟ ଭଳି ଏକ +୨ କଲେଜରୁ କେନ୍ଦ୍ରାପଡ଼ା ମହାବିଦ୍ୟାଳୟକୁ ବଦଳି ହୋଇ ଆସିଛନ୍ତି। ଏଣୁ ତାଙ୍କୁ କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ଭଳି ଏକ +୩ କଲେଜର ଅଧ୍ୟକ୍ଷ ପଦରେ ନିଯୁକ୍ତି ଦିଆଯାଇପାରିବ ନାହିଁ। ଏଣୁ ମାମଲାର ବିଚାର କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଅପରପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ଡିସେମ୍ବର ମାସ ୭ତାରିଖକୁ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ପରବର୍ତ୍ତି ଶୁଣାଣି ପର୍ଯ୍ୟନ୍ତ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅଧ୍ୟକ୍ଷ ନିଯୁକ୍ତି ପ୍ରଦାନ ଉପରେ ସ୍ଥଗିତାଦେଶ ଜାରି କରାଯାଇଛି।

## ୪ଦିନ ପରେ ଧାରଣା ପ୍ରତ୍ୟାହୃତ




**ପାରାଦୀପ, ୨୫।୧୧(ସମିସ):** ପାରାଦୀପ ବନ୍ଦର ପିଆଇସିଟି ଫାଟକ ସମ୍ମୁଖରେ ଧାରଣା ଦେଇଥିବା ଶ୍ରମିକ ୪ ଦିନ ପରେ ଉଠିଛନ୍ତି। ଦୀର୍ଘଦିନ ଧରି ଶ୍ରମିକଙ୍କ ସହବନ୍ଧିତ ପାରାଦ୍ୱୀପ ପୋର୍ଟ ଶ୍ରମିକ କର୍ମଚାରୀ ୟୁନିୟନ ତରଫରୁ କମ୍ପାନୀ ସହ ବିଭିନ୍ନ ଦପ୍ତରକୁ ଦାବିପତ୍ର ଦିଆଯାଇଛି। ଏଥିପ୍ରତି ଅବହେଳା ପ୍ରଦର୍ଶନକୁ ନେଇ ଶ୍ରମିକମାନେ ସପରିବାର ଧାରଣାରେ ବସିଥିଲେ। ଯେପର୍ଯ୍ୟନ୍ତ ଦାବି ପୂରଣ କରାଯାଇ ନାହିଁ ସେ ପର୍ଯ୍ୟନ୍ତ ଧାରଣାରେ ବସିବାକୁ ସେମାନେ ଚେତାବନୀ ଦେଇଥିଲେ। ତେବେ ଡିଏସ୍‌ପି ସନ୍ତୋଷ ଜେନା, ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପିଆଇସିଟି କର୍ତ୍ତୃପକ୍ଷ, ଶ୍ରମିକ ସଂଗଠନର କର୍ମକର୍ତ୍ତା ଓ ଆଦର୍ଶ ଥାନା ଅଧିକାରୀ ସୁଚିତ୍ରବିର୍ଯ୍ୟ ଦାସଙ୍କ ଉପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଆଲୋଚନା ହୋଇଥିଲା। ଆସନ୍ତା ୧୨ ତାରିଖରେ ଅଲୋଚନା କରାଯାଇ ଆବଶ୍ୟକ ଅନୁଯାୟୀ ସମ୍ଭବ ଦାବିଗୁଡିକୁ ପୂରଣ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## 'ଜଳବାୟୁ ପରିବର୍ତ୍ତନ ମନୁଷ୍ୟକୃତ'




**ଜଗତସିଂହପୁର, ୨୫।୧୧(ସମିସ):** ଇନ୍‌ସାଫ ଓ ଜିଲ୍ଲା ପ୍ରକୃତିବନ୍ଧୁ ପରିଷଦର ମିଳିତ ଆନୁକୂଲ୍ୟରେ ପାରାଦୀପ ଏନଏସି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ଆହ୍ୱାନ ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକ୍ତାମାନେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ମନୁଷ୍ୟକୃତ ବୋଲି କହିଛନ୍ତି। ଏହାର ଭୟାବହତା ଓ ଜୀବଜଗତ ଉପରେ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା ହୋଇଥିଲା। ସବୁଜ ଜୀବନଶୈଳିକୁ ଆପଣେଇଲେ ଜଳବାୟୁ ପରିବର୍ତ୍ତନର ମୁକାବିଲା ହୋଇପାରିବ ବୋଲି ଅତିଥିମାନେ ମତ ଦେଇଛନ୍ତି। ବରିଷ୍ଠ ବିଜ୍ଞାନ ଶିକ୍ଷକ ରୋହିତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁବ ପରିବେଶବିତ୍ ଇଂଜିନିୟର ଅମରେଶ ନରେଶ ସାମନ୍ତ, ସାମ୍ବାଦିକ ରଶ୍ମି ରଞ୍ଜନ ମହାପାତ୍ର, ଇନସାଫର ବୈଷୟିକ ଉପଦେଷ୍ଟା ପରିଷଦର ସଭାପତି ପରିବେଶବିତ୍ ଉତ୍କଳ ରଞ୍ଜନ ମାହାନ୍ତି, ଭାରତୀୟ ଷ୍ଟେଟ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଦେବାଶିଷ ରଥ ଯୋଗ ଦେଇଥିଲେ। ଏହି ଅବସରରେ ବିଶ୍ୱ ତାପନ ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ସନ୍ଧ୍ୟାରାଣୀ ସ୍ୱାଇଁ, ଡି. ନାଗମଣି ଆଚାର୍ଯ୍ୟ, ମଧୁସ୍ମିତା ମୁର୍ମୁ ଓ ଚନ୍ଦନା ମଣ୍ଡଳଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀ ଓ ଅତିଥିମାନେ ସବୁଜ ଶପଥ ନେଇଥିଲେ। ମମତା ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ଜୀତେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ତ୍ରିବିକ୍ରମ ବେଶରେ ମହାପ୍ରଭୁ



**ବିରିଡି, ୨୫।୧୧(ସମିସ):** ଜଗତସିଂହପୁର ଜିଲ୍ଲା ବିରିଡି ବ୍ଲକ ହାଜିପୁର ଧାନକୁଦ ଜଗନାଥ ମନ୍ଦିରରେ ପୂଜା ପାଇ ଆସୁଥିବା ମହାପ୍ରଭୁଙ୍କୁ କାର୍ତ୍ତିକ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ଆଡକିଆ ବା ତ୍ରିବିକ୍ରମ ବେଶରେ ଭକ୍ତ ଦର୍ଶନ କରିଛନ୍ତି। ସକାଳ ୫ଟାରେ ପହଡ଼ ଖୋଲିବା ପରେ ନୀତିକାନ୍ତି କରାଯାଇଥିଲା। ପୁଷ୍ପାଳକ ସେବକ ସୁଦର୍ଶନ ଦାସଙ୍କ ଦ୍ୱାରା ବିଭିନ୍ନ ଆଭୂଷଣରେ ପ୍ରଭୁ ଜଗନାଥ, ବଡଭାଇ ବଳଭଦ୍ର, ମା ସୁଭଦ୍ରଙ୍କୁ ସଜାଯାଇଥିଲା। ସୂଚନାଯୋଗ୍ୟ, ଏକାଦଶୀ ତିଥିରେ ମହାପ୍ରଭୁଙ୍କୁ ଲକ୍ଷ୍ମୀନାରାୟଣ ବେଶ ବା ଠିଆକିଆ ବେଶ, ଦ୍ୱାଦଶୀ ତିଥିରେ ବାଙ୍କଚୂଡ଼ ବେଶ କରଯାଇଥିଲା।

## ଶ୍ରୀସତ୍ୟସାଇ ବାବାଙ୍କ ଜନ୍ମ ମହୋତ୍ସବ



**ପାରାଦୀପ, ୨୫।୧୧(ସମିସ):** ପାରାଦୀପ ଉପକଣ୍ଠ ବିଶ୍ୱାଳି ସତ୍ୟସାଇ ସେବା କେନ୍ଦ୍ର ପକ୍ଷରୁ ସତ୍ୟସାଇ ବାବାଙ୍କ ଜନ୍ମ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାତଃ ଓମ୍ କାରମ୍, ସୁ-ପ୍ରଭାତମ୍, ନଗର ସଙ୍କୀର୍ତ୍ତନ, ଷୋଡ଼ଶ ଉପଚାର ପୂଜା, ଧ୍ୟାନ ବୃକ୍ଷ ନିକଟରେ ପୂଜା ସହ ମୁରୁଜ ପ୍ରଦର୍ଶନୀ, ଦରିଦ୍ର ନାରାୟଣ ସେବା, ବାଳ ବିକାଶ ପିଲାଙ୍କୁ ପୁରସ୍କାର ବିତରଣ, କବିତା ପୁସ୍ତକ ଉନ୍ମୋଚନ, ବାଳ ବିକାଶ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ସନ୍ଧ୍ୟାରେ ସତ୍ୟସାଇ ବାବାଙ୍କ ଜୀବନାଦର୍ଶ ଉପରେ ଆଲୋଚନାଚକ୍ର ହୋଇଥିଲା। ଆଲୋଚନାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ତହସିଲଦାର ସୁକନ୍ୟା ରାଉଳ, ମୁଖ୍ୟବକ୍ତା ଭାବେ ସ୍ମୃତିରେଖା ମିଶ୍ର ଓ ସମ୍ମାନିତ ଅତିଥି ଭାବେ ସରପଞ୍ଚ ମନୋରମା ମଲ୍ଲ, ସମିତି ସଭ୍ୟା ସତ୍ୟଭାମା ସାମଲ ଓ ବିଶ୍ୱାଳି ଗ୍ରାମ୍ୟ କମିଟିର ସଦସ୍ୟ ଯୋଗ ଦେଇଥିଲେ।

## ଭକ୍ତଙ୍କ ସୁବିଧା ପାଇଁ ହେବ ନୂଆ ରାସ୍ତା

**ପୁରୀ, ୨୫।୧୧(ସମିସ):** ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ବିକଶିତ ହେଉଛି ପୁରୀ। ବଦଳିବାରେ ଲାଗିଛି ଏହାର ରୂପରେଖ। ଭକ୍ତ, ପର୍ଯ୍ୟଟକ ତଥା ପୁରୀବାସୀଙ୍କୁ ଅତ୍ୟାଧୁନିକ ସେବା ସୁବିଧାକୁ ଦିଆଯାଉଛି ଅଗ୍ରାଧିକାର। ଏଥିପାଇଁ ଭିତ୍ତିଭୂମିର ବିକାଶ, ନୂଆ ରାସ୍ତା, ସେତୁ, ହ୍ରଦ, ମାର୍କେଟ କମ୍ପ୍ଲେକ୍ସ, ପାର୍କ ଆଦିର ବିକଶିତ କରାଯାଉଛି। ଫଳରେ ଦିନକୁ ଦିନ ପୁରୀକୁ ଭକ୍ତ, ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ପୂର୍ବରୁ ସାଧାରଣ ଦିନରେ ପୁରୀକୁ ଯେତିକି ଭକ୍ତ, ପର୍ଯ୍ୟଟକ ଆସୁଥିଲେ ଏବେ ପ୍ରାୟ ତା'ର ଦୁଇଗୁଣ ବଢ଼ିଯାଉଛି। ଏହାଦ୍ୱାରା ବଡ଼ଦାଣ୍ଡ ଉପରେ ଅଧିକ ଚାପ ରହୁଛି। ତେଣୁ ବଡ଼ଦାଣ୍ଡ ଉପରୁ ଯାତାୟାତ ଭାର ହ୍ରାସ କରିବା ଉଦ୍ଦେଶ୍ୟରେ ଶ୍ରୀଜଗନ୍ନାଥ ବଲ୍ଲଭରୁ ଦୋଳବେଦୀକୁ ଏକ ନୂଆରାସ୍ତାର ପରିକଳ୍ପନା କରାଯାଇଛି। ଏହି ରାସ୍ତା ଜଗନ୍ନାଥବଲ୍ଲଭ ପିଲିଗ୍ରିମେଜ ସେଣ୍ଟରଠାରୁ ଦୋଳବେଦୀ କୋଣ ପର୍ଯ୍ୟନ୍ତ ଲମ୍ବିବ। ଗ୍ରୀନ୍ କରିଡ଼ର ଭଳି କାମ କରିବାକୁ ଥିବା ଏହି ରାସ୍ତାର ନାଁ 'ଶ୍ରୀ ଦାଣ୍ଡ' ହୋଇପାରେ ବୋଲି କୁହାଯାଉଛି। ତେବେ ଏହି ରାସ୍ତା ପାଇଁ ଚୁଡ଼ଙ୍ଗ ସାହି ଏବଂ ଦାଣ୍ଡିମାଳ ସାହି ମୌଜାରୁ ପ୍ରାୟ ୧ ଏକର ୧୪୪୮ ଡେସିମିଲ ଜମି ଅଧିଗ୍ରହଣ କରାଯିବ। ଏଥିଲାଗି ଆସନ୍ତା ୫ ତାରିଖରେ ଜନଶୁଣାଣି ଅନୁଷ୍ଠିତ ହେବ। ହେଲେ ଏହା ପୂର୍ବରୁ ଶନିବାର ଚୁଡ଼ଙ୍ଗ ସାହି ମଧୁବନବାସୀ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କୁ ସାହିକୁ ଡାକି ଆଲୋଚନା କରିଛନ୍ତି। ମହାପ୍ରଭୁଙ୍କ କାମରେ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରାୟ ୮୦୦ ମିଟର ଲମ୍ବ ଏହି ରାସ୍ତା ୪୦ ଫୁଟ ଚଉଡ଼ା କରାଯିବ। ଏହି ରାସ୍ତା ପାଇଁ ଚୁଡ଼ଙ୍ଗସାହିରେ ୦.୮୭୯୮ ଡେସିମିଲ ଜମି ଏବଂ ଦାଣ୍ଡିମାଳ ସାହିର ୦.୨୬୫ ଡେସିମିଲ ଘରୋଇ ଜମିକୁ ମିଶାଇ ମୋଟ ୧ ଏକର ୧୪୪୮ ଡେସିମିଲ ଜମି ଅଧିଗ୍ରହଣ କରାଯିବ। ଥଇଥାନ ନିୟମ ଅନୁଯାୟୀ, ପ୍ରଭାବିତଙ୍କ ସହ ସାମୂହିକ ଆଲୋଚନା ଏବଂ ଜନଶୁଣାଣୀ କରାଯିବ। ତେବେ ଭୂମି ଅଧିଗ୍ରହଣ କରିବାକୁ ଗତ ୭ ତାରିଖରୁ ରାଜସ୍ୱ ବିଭାଗ ପକ୍ଷରୁ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା ପ୍ରକାଶ ପାଇଥିଲା। ଏହାପରେ ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ୍ ମୂଲ୍ୟ ପ୍ରଦାନ ଓ ସ୍ୱଚ୍ଛତା ଅଧିକାର ଆଇନ ୨୦୧୩ର ଧାରା ୪ ଅନୁସାରେ ସର୍ଭେକ୍ଷଣ ଚାଲିଛି। ଏହି ରାସ୍ତା ପାଇଁ ଜମିଅଧିଗ୍ରହଣ ନିମନ୍ତେ ଆସନ୍ତା ୫ ତାରିଖରେ ସର୍ବାଧିକ ଜମି ଅଧିଗ୍ରହଣ ହେବାକୁ ଥିବା ଚୁଡ଼ଙ୍ଗ ସାହି ମୌଜା ପାଇଁ ଜନଶୁଣାଣି କରାଯିବ। ଜଗନ୍ନାଥ ବଲ୍ଲଭ ପରିସରରେ ଏହି ଜନଶୁଣାଣି ହେବ। ତେବେ ଏହା ପୂର୍ବରୁ ଶନିବାର ସାହିବାସୀ ଜିଲ୍ଲାପାଳ ସମର୍ଥ ବର୍ମା, ଉପଜିଲ୍ଲାପାଳ ଭବତାରଣ ସାହୁ, ଭୂ ଅର୍ଜନ ଅଧିକାରୀ ପ୍ରଶାନ୍ତ ଜେନାଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ସାହିକୁ ଡାକି ଆଲୋଚନା କରିଥିଲେ। ସାହିବାସୀ ମହାପ୍ରଭୁଙ୍କ କାମରେ ପୂର୍ଣ୍ଣ ସହଯୋଗ କରିବେ। ତାଙ୍କର ଏହି ଗଳି ରାସ୍ତା ୪୦ ଫୁଟ ଚଉଡ଼ା ହେବ। ଏହା ନିଶ୍ଚିତ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସମସ୍ତେ ଏଥିରେ ସହଯୋଗ କରିବେ ବୋଲି କହିଥିଲେ। ସେହିପରି ସେମାନେ ମଧ୍ୟ କେତେକ ପ୍ରସ୍ତାବ ଜିଲ୍ଲାପାଳଙ୍କ ସମ୍ମୁଖରେ ରଖିଥିଲେ। ଯେ ହେତୁ ସେମାନଙ୍କର ଜମି ଯିବ ତେଣୁ କ୍ଷତିପୂରଣ ସହାୟତା ସେହିଭଳି ଦିଆଯିବା ଦରକାର। କିଛି ପରିବାର ରାସ୍ତା ପାଇଁ ଜମି ଦେବା ପରେ ସେମାନଙ୍କ ଯେତିକି ଘର ରହିବ ସେଥିରେ ଚଳିବା ସମ୍ଭବପର ହେବା ନାହିଁ। ତେଣୁ ସେମାନେ ଅନ୍ୟତ୍ର ଯିବେ।

## ରାତିଅଧିଆ ବେଆଇନ୍ ପାଚେରି ଉପରେ ଢଳେଇ

**ରଘୁନାଥପୁର, ୨୫।୧୧(ସମିସ):** ରଘୁନାଥପୁର ତହସିଲ୍ ଅଧୀନ ଜଇପୁର- ଜଗତସିଂହପୁର ରାସ୍ତାର ଜଇପୁର ପ୍ରବେଶ ପଥରେ ପୂର୍ତ୍ତ ବିଭାଗ ରାସ୍ତାରେ ବେଆଇନ୍ ପାଚେରି ନିର୍ମାଣ କରାଯାଇଛି। ଏହାକୁ ବନ୍ଦ କରିବା ପାଇଁ ରଘୁନାଥପୁର ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ଛପଡ଼ା ଆରଆଇ ସୁଶାନ୍ତ ସ୍ୱାଇଁ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିଛି ସମୟ ପାଇଁ କାର୍ଯ୍ୟ ବନ୍ଦ୍ ରଖି ଜବରଦଖଲକାରୀ ରାତି ଅଧିଆ ପାଚେରି ଉପରେ ଢଳେଇ ପକେଇ ଦେଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ପାଚେରି ଭିତରେ ଥିବା ନଳକୂପ ଭାଙ୍ଗି ଦିଆଯାଇଛି। ଏହାକୁ ନେଇ ଜନ ଅସନ୍ତୋଷ ଦେଖା ଦେଇଛି।



## କପିଳାସ ମହୋତ୍ସବ ଉଦ୍‌ଘାଟିତ

# ମଶାଲ ଧରି ମନ୍ଦିର ବେଢ଼ା ପରିକ୍ରମା ଓ ପର୍ବତାରୋହଣ





**ଢେଙ୍କାନାଳ, ୨୫।୧୧(ସମିସ):**

ଚଳିତ ବର୍ଷ ମାଇକ୍ରୋମିଡିଆ ଆୱାରନେସ୍ ଅନୁଷ୍ଠାନର ୨୧ବର୍ଷ ପୂର୍ତ୍ତି ଅବସରରେ ୫ମ କପିଳାସ ମହୋତ୍ସବ ଉପଲକ୍ଷେ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ମହାପ୍ରଭୁଙ୍କ ନିକଟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବା ସହ ଅତିଥିମାନେ ମଶାଲରେ ଅଗ୍ନି ସଂଯୋଗ କରିଥିଲେ। ପରେ ମନ୍ଦିର ବେଢ଼ା ପରିକ୍ରମା ପରେ ପର୍ବତାରୋହଣ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ମୁଖ୍ୟବକ୍ତା ଭାବେ ଜିଲ୍ଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସମାଜସେବୀ ଗଙ୍ଗାଧର ସାମଲ, ସଦର ଏସ୍‌ଡିପିଓ ବିଭୁତି ଭୂଷଣ ମହାପାତ୍ର, ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ସାଂସଦଙ୍କ ପ୍ରତିନିଧି ପଣ୍ଡିତ ମାତୃପ୍ରସାଦ ମିଶ୍ର, ସାମ୍ବାଦିକ ସତ୍ୟସ୍ୱରୂପ ଦାସ, କଳାକାର ଅରବିନ୍ଦ ସାହୁ, ବିଧାୟକଙ୍କ ପ୍ରତିନିଧି ନିରାକାର ରାଉତ, ବରିଷ୍ଠ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ଦେଓଗାଁ ସରପଞ୍ଚ ବିଜୟ ଦେହୁରୀ ଓ ସେବାୟତ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଯାହାକି ଏଭେରେଷ୍ଟ ଆରୋହଣକାରୀ ସ୍ୱର୍ଗତ କଳ୍ପନା ଦାଶଙ୍କ ସ୍ମୃତିରେ ପର୍ବତାରୋହଣ କାର୍ଯ୍ୟକ୍ରମ ତଥା କପିଳାସ ମହୋତ୍ସବକୁ ଉଦ୍ଘାଟନ କରିବା ସହ ଅନୁଷ୍ଠାନର ଏହି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜ, ଗୁରୁଦେବଜୀ ଗୁରୁକୁଳ ଓ ବିଭିନ୍ନ ଅନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦା ସାମିଲ ହୋଇ କପିଳାସ ମନ୍ଦିର ପରିସରରୁ ଦେବସଭା ପର୍ଯ୍ୟନ୍ତ ପର୍ବତାରୋହଣ କରିଥିଲେ। ପରେ ଅନୁଷ୍ଠାନ ପକ୍ଷରୁ ପବିତ୍ର ବଡ଼ଓଷା ଅବସରରେ ପୂଜକ, ସେବାୟତ ଓ କଳାକାର ମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ସ୍ୱତନ୍ତ୍ର ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ମାଇକ୍ରୋମିଡିଆର ନିର୍ଦ୍ଦେଶକ ଅଥୟ ସାହୁ ପରିଚାଳନା କରିଥିଲା ବେଳେ ଅନୁଷ୍ଠାନର ସଦସ୍ୟ ତଥା କପିଳାସ ମହୋତ୍ସବର ଆବାହକ ଇଂ. ସୌମ୍ୟବ୍ରତ ସାହୁଙ୍କ ସଂଯୋଜନାରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବୀର ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ବାଜିଚୌକ ଛକଠାରୁ ମଶାଲ ସହ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାକୁ ପରିବେଶବିତ୍ ପ୍ରଦ୍ୟୁମ୍ନ ରଥ, କଳାକାର ଶତ୍ରୁଘ୍ନ ମାଟି, ଅଧ୍ୟାପକ ସମୀର କୁମାର ସାହୁ, ସାହିତ୍ୟିକ ବାହାଦୂର ପାଟସାହାଣୀ, ବରିଷ୍ଠ ସାମ୍ବାଦିକ ରତନ ନାୟର, ଆଇନଜୀବୀ ଦେବାଶିଷ ମିଶ୍ର ପତାକା ଦେଖାଇ ଶୁଭାରମ୍ଭ କରିବା ପରେ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ଗୋପବନ୍ଧୁ ଟାଉନ ହଲଠାରେ ପହଞ୍ଚିଥିଲା। ଚଳିତବର୍ଷ ନଭେମ୍ବର ୨୬ ଓ ୨୭ ଦୁଇ ଦିନ ଧରି ଗୋପବନ୍ଧୁ ଟାଉନହଲ ଠାରେ ହୁଳହୁଳି, ଶଙ୍ଖ ବାଦନ, ସୁଗୃହିଣୀ, ଝୋଟି, ମେହେନ୍ଦି, ଗୀତ, ତବଲା, କି-ବୋର୍ଡ, ଫ୍ୟାନ୍ସି ଡ୍ରେସ, ରାମ୍ପ ଶୋ, ଚିତ୍ରାଙ୍କନ, ଓଡିଶୀ ନୃତ୍ୟ, ଲଘୁନୃତ୍ୟ, ଦଳଗତ ନୃତ୍ୟ ବିଭିନ୍ନ ବର୍ଗରେ ପ୍ରତିଯୋଗୀତା ଅନୁଷ୍ଠିତ ହେବା ସହ ରାଜ୍ୟର ବିଭିନ୍ନ ପ୍ରତିଭାଧାରୀ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ସଙ୍ଗେ ସଙ୍ଗେ ୨୭ ତାରିଖ ଦିନ ରକ୍ତଦାନ ଶିବିର, ସ୍ୱତନ୍ତ୍ର କବିତା ଆସର ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

● ୧୦ଫୁଟ ଖାଲକୁ ଖସିଲା କାର

## ଜଣେ ମୃତ, ୩ ଗୁରୁତର

**ଛେଣ୍ଡିପଦା, ୨୫।୧୧(ସମିସ):** ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ସାନକୁଶକିଳା ଗ୍ରାମ ନିକଟସ୍ଥ ବିଦ୍ୟାଳୟ ନିକଟରେ ଭରସାମ୍ୟ ହରାଇ ଏକ କାର ୧୦ଫୁଟ ତଳକୁ ଖସି ପଡ଼ିଛି। ଏହି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣଙ୍କ ହେଲେ ଜରପଡ଼ା ଥାନା କୁଶକିଳା ଗ୍ରାମର ଦୁର୍ଲ୍ଲଭ ସାହୁ ଓ ଗୁରୁତର ଆହତ ମାନେ ହେଲେ ସେହି ଗ୍ରାମର ଗଗନ ବିହାରୀ ସାହୁ, ଲାଲଟୁ ସାହୁ, ଚାଳକ ଚିକୁନୁ ପ୍ରଧାନ। ଘଟଣାରୁ ପ୍ରକାଶ କୁଶକିଳା ଗ୍ରାମର ଏହି ୪ ବ୍ୟକ୍ତି ଗାଡ଼ିରେ ଛେଣ୍ଡିପଦାର ଏକ ଘରୋଇ ନର୍ସିଂହୋମରୁ ସମ୍ପର୍କୀୟଙ୍କୁ ଦେଖାକରି ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ସାନକୁଶକିଳା ଗ୍ରାମ ବିଦ୍ୟାଳୟ ନିକଟସ୍ଥ ରାସ୍ତାକଡ଼ରେ ଥିବା ୧୦ଫୁଟ ତଳକୁ ଖସି ପଡ଼ିଥିଲେ। ଏହା ଦେଖି ସ୍ଥାନୀୟ ଲୋକମାନେ କାର ଭିତରୁ ୪ଜଣଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ୩ଜଣଙ୍କ ଅବସ୍ଥା ଗୁରୁତର ଥିବା ବେଳେ ଦୁର୍ଲଭ ସାହୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ସ୍ନାତକ ମହାବିଦ୍ୟାଳୟରେ ବୃତ୍ତିଗତ କର୍ମଶାଳା

**କିଶୋରନଗର, ୨୫।୧୧(ସମିସ):** କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ଆତ୍ମନିଯୁକ୍ତି ପାଇଁ ବୃତ୍ତିଗତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନୂତନ ଶିକ୍ଷା ନୀତିରେ ଚାକିରୀ ପଛରେ ନଧାଇଁ ଅନ୍ୟକୁ ଚାକିରୀ ଦେବାର ବ୍ୟବସ୍ଥା କରିବା ଆତ୍ମନିର୍ଭର ହେବାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଡକ୍ଟର ଲକ୍ଷ୍ମୀ ନାରାୟଣ ବକ୍ସି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜୈବ କୃଷି କୁଟୀର ଶିଳ୍ପ ପ୍ରାକୃତିକ ଉପାୟରେ କିପରି ହୋଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ ଅଧ୍ୟାପିକା ବୀଣାପାଣି ସାହୁ ଧନ୍ୟବାଦ ଦେଇଥିଲେ।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ




**କଙ୍କଡ଼ାହାଡ଼, ୨୫।୧୧(ସମିସ):** କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ ପିବିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ବିକାଶ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଅଧ୍ୟକ୍ଷ ରାମନାଥ ପଣ୍ଡାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମାଜ ବିକାଶରେ ଗୁରୁଦାୟିତ୍ୱ ବୋଲି ଅଭିମତ ଦେଇଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇ ଛାତ୍ରଛାତ୍ରୀ ନିଜ ପ୍ରତିଭା ପ୍ରକାଶ କରିପାରିବେ ବୋଲି ନୋଡାଲ ଅଧିକାରୀ ରବି ନାରାୟଣ ସାହୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଅଧିକାରୀ ବିଭୁ ପ୍ରସାଦ ଦାସ, ସାମାଜିକ କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ରଣା, ସାଂସ୍କୃତିକ ଅଧିକାରୀ ମୋନାଲିସା ସାହୁ ପ୍ରମୁଖ କ୍ରୀଡା, ସମାଜସେବା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକ୍ରମରେ ଭାଗନେଇ ଥିଲେ।

## ଜିରାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଳିଲା ଆମ୍ବୁଲାନ୍ସ

**ମାର୍ଥାପୁର, ୨୫।୧୧(ସମିସ):** ଭୁବନ ବ୍ଲକ ଅନ୍ତର୍ଗତ ଜିରାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଳିଛି ୧୦୮ ଆମ୍ବୁଲାନ୍ସ ସେବା। ଜିରାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଭୁବନ ବ୍ଲକ ଓ କାମାକ୍ଷନଗର ବ୍ଲକର ପାଖା ପାଖି ୧୦ଟି ପଞ୍ଚାୟତର ୫୦ ହାଜରରୁ ଅଧିକ ଜନସାଧାରଣ ନିର୍ଭର କରିଥାନ୍ତି। ପୂର୍ବରୁ ଏହି ଅଞ୍ଚଳରେ ଆମ୍ବୁଲାନ୍ସ ସେବା ନଥିବାରୁ ଗୁରୁତର ରୋଗୀଙ୍କୁ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିବା ପାଇଁ କାମାକ୍ଷନଗର ନ ହେଲେ ଭୁବନ ମେଡିକାଲ୍ ଉପରେ ନିର୍ଭର କରୁଥିଲେ। କାମାକ୍ଷନଗର ଓ ଭୁବନର ଶେଷ ସୀମାନ୍ତ ଅଞ୍ଚଳ ହେଉଥିବାରୁ ଗୁରୁତର ରୋଗୀ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଲା ବେଳକୁ ଜୀବନ ସଙ୍କଟାପନ୍ନ ହେଇଯାଉଥିଲା। ଜିରାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ଆମ୍ବୁଲାନ୍ସ ସେବା ଯୋଗାଇଦେବା ପାଇଁ ଦାବି ହେଇ ଆସୁଥିଲା ଓ ଦୀର୍ଘ ବର୍ଷ ପରେ ୧୦୮ ଆମ୍ବୁଲାନ୍ସ ମିଳିଥିବାରୁ ଜିରାଳ ଗ୍ରାମ୍ୟ କମିଟି ସଭାପତି ଅର୍ଜୁନ ଚରଣ ପଣ୍ଡା, ସରପଞ୍ଚ ଉଦୟନାଥ ନାଥ ଲେଙ୍କା ଓ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ବୁଢ଼େଶ୍ୱର ମନ୍ଦିରରେ ବଡ଼ଓଷା; ଲାଗିଲା ୨୭୬ ହଣ୍ଡା ଭଣ୍ଡାର ଭୋଗ



**ଭୁବନ, ୨୫।୧୧(ସମିସ):** ଢେଙ୍କାନାଳ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭୁବନର ବାବା ବୁଦ୍ଧେଶ୍ୱର ମନ୍ଦିରରେ ବଡ଼ ଓଷା ପାଳିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ମାନସିକ ପୂରଣ ପାଇଁ ପ୍ରତ୍ୟୁଷରୁ ବୁଦ୍ଧେଶ୍ୱରଙ୍କୁ ଦର୍ଶନ କରିଥିଲେ। ପରେ ଭଣ୍ଡାର ଭୋଗ ରାନ୍ଧି ବାବାଙ୍କ ନିକଟରେ ଅର୍ପଣ କରିଥିଲେ। ସମୁଦାୟ ୨୭୬ ହଣ୍ଡା ଭଣ୍ଡାର ଭୋଗ ଲାଗି ହୋଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ସନାତନ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଅନୁରୂପ ଭାବେ ଭୁବନ ଏନ୍ଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡର କାଶୀ ବିଶ୍ୱନାଥ ମନ୍ଦିର (ଛତା ମଠ) ପରିସରରେ ମଧ୍ୟ ଭଣ୍ଡାର ଭୋଗ ଲାଗି ହୋଇଥିଲା। ପ୍ରଥମ ଥର ପାଇଁ ପ୍ରଶାସନିକ ସ୍ତରରେ ବୁଦ୍ଧେଶ୍ୱର ମହୋତ୍ସବ ହେଉଛି। ଆସନ୍ତା କାଲିଠାରୁ ୨୮ ତାରିଖ ପର୍ଯ୍ୟନ୍ତ ବୁଦ୍ଧେଶ୍ୱର ମହୋତ୍ସବ ଅନୁଷ୍ଠିତ ହେବ।

● ପୁଲିସ ସାଜିଲା ବିପଦର ବନ୍ଧୁ

## ଗୁରୁତର ଆହତକୁ ନିଜ ଗାଡ଼ିରେ ଆଣିଲା ମେଡିକାଲ



**କାମାକ୍ଷାନଗର, ୨୫।୧୧(ସମିସ):** ପୁଲିସ ସାଜିଲା ବିପଦର ବନ୍ଧୁ। ଦୁର୍ଘଟଣାରେ ଗୁରୁତର ହୋଇ ପଡ଼ିରହିଥିବା ଜଣେ ବ୍ୟକ୍ତିଙ୍କୁ ନିଜ ଗାଡ଼ିରେ ନେଇ ଚିକିତ୍ସା ପାଇଁ ଭର୍ତ୍ତି କରାଇଛି କାମାକ୍ଷାନଗର ପୁଲିସ। ସୂଚନା ଅନୁସାରେ ଦିଲ୍ଲୀପ ଜେନା ନାମକ ଜଣେ ବ୍ୟକ୍ତି ଜିରିଡ଼ାମାଳି ଠାରେ ଅଜଣା ଗାଡି ଧକ୍କାରେ ଗୁରୁତର ହୋଇ ରାସ୍ତା କଡ଼ରେ ପଡ଼ିଥିଲେ। ସେହି ସମୟରେ କାମାକ୍ଷାନଗର ଥାନାର ପାଟ୍ରୋଲିଂ ଗାଡି ସେହି ରାସ୍ତା ଦେଇ ଫେରୁଥିଲା। ଦିଲ୍ଲୀପଙ୍କୁ ରାସ୍ତା କଡ଼ରେ ଗୁରୁତର ଅବସ୍ଥାରେ ପଡ଼ି ଥିବାର ଦେଖି ପୁଲିସ ସବ୍ ଇନ୍ସପେକ୍ଟର ସ୍ୱର୍ଣ୍ଣଲତା ସାହୁ ଓ ଅନ୍ୟ କର୍ମଚାରୀ ତୁରନ୍ତ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇ ଚିକିତ୍ସା କରାଇଥିଲେ।

## ଟ୍ରାନ୍ସଫର୍ମର ଚୋରି; ୩ ଫେରାର

● ବିଦ୍ୟୁତ୍ ଖୁଣ୍ଟ ଉପରେ ରହିଗଲା ଜଣେ ଚୋର

**କିଶୋରନଗର, ୨୫।୧୧(ସମିସ):** କିଶୋରନଗର ଥାନା ରାଇବାହାଳ ଉଠାଣ ସାହିରେ ଉଠାଜଳସେଚନ ପଏଣ୍ଟରେ ୨୫କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମରଟିକୁ ଆଜି ରାତିରେ ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ଜଣେ ନାବାଳକ ଚୋର ଯା।ଇ ନପାରି ପୋଲ ଉପରେ ରହିଯାଇଥିଲା। ଗ୍ରାମବାସୀ ଚୋରକୁ ଘେରୋଇ କରି ରଖି ଥିଲେ। ଏହାପରେ ପୁଲିସ ଚୋରକୁ ଆଣି ପଚରାଉଚରା କରୁଛି। ଏହି ଘଟଣାରେ ୩ ଚୋର ଫେରାର ହୋଇଯାଇଥିବା ସୂଚନା ମିଳିଛି।



## ଆଖଣ୍ଡଳମଣି ମନ୍ଦିରରେ ବଡ଼ଓଷା ପାଳନ



**ରେଙ୍ଗାଲି, ୨୫।୧୧(ସମିସ):** କଣିହାଁ ବ୍ଲକ ରେଙ୍ଗାଲି ପ୍ରକଳ୍ପ ଓସିସି କଲୋନୀ ନିକଟସ୍ଥ ବାବା ଆଖଣ୍ଡଳମଣି ମନ୍ଦିରରେ ଆଜି ବଡ଼ଓଷା ଓ ଜଗତକଲ୍ୟାଣ ପାଇଁ ହୋମଯଜ୍ଞ ଅନୁଷ୍ଠିତ ହୋଇଛି। ପ୍ରତ୍ୟୁଷରୁ ମନ୍ଦିରରେ ବାବା ଆଖଣ୍ଡଳମଣିଙ୍କର ଯଥା ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା ପରେ ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହୋଇଥିଲା। ଦିନ ୯ଟାରେ ଜଗତ କଲ୍ୟାଣ ହୋମଯଜ୍ଞ ଆରମ୍ଭ ହୋଇଥିଲା। ପୂଜକ ଅନନ୍ତ ଚରଣ ମିଶ୍ର ଯଜ୍ଞ କାର୍ଯ୍ୟ କରିଥିବା ବେଳେ କର୍ତ୍ତା ଭାବେ ବିଘ୍ନେଶ୍ୱର ପଣ୍ଡା ଓ ସହଧର୍ମଣୀ କୁନି ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ମନ୍ଦିରର ଉପଦେଷ୍ଟା ଆକୁଳ ପଣ୍ଡା ଭକ୍ତଙ୍କ ପ୍ରଦତ୍ତ ଦାନରେ ୧୫୧ଜଣ ଗରିବ ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ କମ୍ବଳ ପ୍ରଦାନ କରିଥିଲେ। ବାବାମଣି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ସଫେଇ କର୍ମଚାରୀଙ୍କ ବୈଠକ




**କଙ୍କଡ଼ାହାଡ଼, ୨୫।୧୧(ସମିସ):** କାମାକ୍ଷାନଗର ରେକୁଳା ନଦୀପଠାରେ ଶନିବାର ସଂଲଗ୍ନ ଭାରତୀୟ ମଜଦୂର ସଂଘ ସହ ଅନୁବନ୍ଧିତ କାମାକ୍ଷାନଗର ସଫେଇ କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଢେଙ୍କାନାଳ ଜିଲ୍ଲାର ଭାରତୀୟ ମଜଦୂର ସଂଘର ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷ୍ୟତାରେ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ସଭାପତି ଭାବେ ବଟକୃଷ୍ଣ ନାଏକ, ଉପସଭାପତି ସୁରେନ୍ଦ୍ର ନାଏକ, ସମ୍ପାଦକ ରଜନୀକାନ୍ତ ନାଏକ, କୋଷାଧ୍ୟକ୍ଷ ଭାବେ ବୁଲୁ ନାଏକଙ୍କ ଚୟନ ହୋଇଥିଲା। କର୍ଯ୍ୟକାରୀ ସଭ୍ୟ ଭାବେ ସର୍ବେଶ୍ୱର ନାଏକ, ବସନ୍ତ ନାଏକ, ମୁରଲୀ ନାଏକ, ରମାକାନ୍ତ ନାଏକ, କମଲ ଲୋଚନ ନାଏକ ମନୋନୀତ ହୋଇଥିଲେ। ଆଗାମୀ ଦିନରେ କାମାକ୍ଷାନଗରକୁ ଏକ ସୁନ୍ଦର ପରିବେଶ ଭାବେ ଗଢି ତୋଳିବାକୁ ସମସ୍ତ ସଭ୍ୟ ଯତ୍ନବାନ ହେବାକୁ ସଭାପତି ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସଂଘ ଉପଦେଷ୍ଟା ଆଇନଜୀବୀ ବିମଳ ଚନ୍ଦ୍ର ବିଶ୍ୱାଳଙ୍କ ପରାମର୍ଶ କ୍ରମେ ସମସ୍ତେ ଗୋଟିଏ ଦିନର ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ କାର୍ଯ୍ୟକରି ପରିବାର ପାଇଁ ସ୍ୱାସ୍ଥ୍ୟ ସେବା ଓ ନିଜ ପାଇଁ ଜଣେ ଶ୍ରମିକର ମାନ୍ୟତା ପାଇଁ ଶ୍ରମିକ କଲ୍ୟାଣ ବୋର୍ଡର ଲାଭ ଉଠାଇ ପାରିବ ବୋଲି ଉପଦେଶ ପ୍ରଦାନ କରିବା ସହ ଧନ୍ୟବାଦ ଦେଇଥିଲେ।

## ମହିଳା ହିଂସା ମୁକ୍ତି ପାଇଁ ୧୬ ଦିନିଆ ଅଭିଯାନ

**ଢେଙ୍କାନାଳ, ୨୫।୧୧(ସମିସ):**




ଢେଙ୍କାନାଳ ମହିଳା ମହାବିଦ୍ୟାଳୟରେ ଇନ୍ଦିରା ସମାଜ ମଙ୍ଗଳ ଅନୁଷ୍ଠାନ ତରଫରୁ ମହିଳା ହିଂସା ମୁକ୍ତି ପାଇଁ ୧୬ ଦିନିଆ ଅଭିଯାନ ଉଦ୍‌ଘାଟିତ ହୋଇଯାଇଛି> କାର୍ଯ୍ୟକ୍ରମରେ ଡିସିପି ହରପ୍ରିୟା ନାଏକ, କଲେଜ୍ ଅଧ୍ୟକ୍ଷ ରାମଚନ୍ଦ୍ର ମଲ୍ଲ, ନିରଞ୍ଜନ ମିଶ୍ର, ଭାନୁମତୀ ପାଣି, ଶାନ୍ତି ମିଶ୍ର, ଆଇନଜୀବୀ ମାନସୀ ମହାପାତ୍ର, ଶୈଳବାଳା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସର୍ବ ପ୍ରଥମେ 'ଇଶୋ' ଅନୁଷ୍ଠାନର ସମ୍ପାଦିକା ସୁଶ୍ରୀ ପୁଷ୍ପାଞ୍ଜଳୀ ଜେନା ସମସ୍ତ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ୧୬ ଦିନର କାର୍ଯ୍ୟକ୍ରମ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଅତିଥି ଏବଂ ଉପସ୍ଥିତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ବୁଝାଇଥିଲେ ଏବଂ ମହିଳା ହିଂସାକୁ ରୋକିବା ପାଇଁ ନିବେଦନ କରିଥିଲେ। ମହିଳା ହିଂସା ଏକ ମାନସିକ ରୋଗ। ଏହି ହିଂସା ଘର ଭିତରରୁ ଆରମ୍ଭ ହୋଇଥାଏ। ପ୍ରତ୍ୟେକ ହିଂସା ବିରୋଧରେ ସ୍ୱର ଉତ୍ତୋଳନ କରିବା ଏବଂ ଏହାକୁ ରୋକିବା। ହିଂସା ପୁରୁଷ ଅପେକ୍ଷା ମହିଳାମାନଙ୍କ ଉପରେ ଅଧିକା ହୋଇଥାଏ। ମହିଳାଟିଏ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ହିଂସାର ଶିକାର ହୋଇଥାଏ। ଯେତେବେଳେ ଆମେ ବଦଳିବା ଏହି ହିଂସା ସ୍ଥଗିତ ହୋଇ ରହିବ। ପରିଶେଷରେ ଶପଥ ନେଇଥିଲେ ଯେ, ହିଂସା କରିବା ନାହିଁ, ହିଂସାକୁ ଆମେ ରୋକିବା। ପୁଅ ଓ ଝିଅମାନଙ୍କୁ ସମାନ ଦୃଷ୍ଟିରେ ଦେଖିବା, ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ କରିବା। ପରିଶେଷରେ 'ଇଶୋ' ଅନୁଷ୍ଠାନର କର୍ମୀ ସର୍ବେଶ୍ୱର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

